EKAMAATRA

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୪୦ ୧୯ - ୨୫ ଅକ୍ଟୋବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-40 19th - 25th OCTOBER, 2020 BHUBANESWAR ₹ 5/- (8 Pages)

### ଶ୍ରୀଜଗନ୍ନାଥ ଐତିହ୍ୟ କରିଡର୍‌ର ବିକାଶ ଦେଖିଲେ ମୁଖ୍ୟମନ୍ତ୍ରୀ

## ଜାନୁଆରୀ ୧ ସୁଦ୍ଧା ଜମି ଅଧିଗ୍ରହଣ ସାରିବାକୁ ନିର୍ଦ୍ଦେଶ

**ପୁରୀ :** ଶ୍ରୀଜଗନ୍ନାଥ ମନ୍ଦିରର ଶୋଭାବୃଦ୍ଧି, ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ମନ୍ଦିର ଓ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅବଢ଼ା ଯୋଜନାରେ ଐତିହ୍ୟ ଓ ନିରାପତ୍ତା କରିଡର୍ ନିର୍ମାଣର ପରିକଳ୍ପନା କରାଯାଇ କାର୍ଯ୍ୟ ଆଗେଇ ଚାଲିଛି। ଏହି ଯୋଜନାରେ ମନ୍ଦିର ଚତୁଃପାର୍ଶ୍ୱ ରାସ୍ତାକୁ ପ୍ରଶସ୍ତ କରାଯାଉଥିବାବେଳେ ବଡ଼ଦାଣ୍ଡର ଶୋଭା ବୃଦ୍ଧି କରାଯାଉଛି। ଏହି କ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ ସୃଷ୍ଟି କରାଯାଇଛି ସବୁଜିମା। ବିଭିନ୍ନ ବୃକ୍ଷରାଜିରେ ମନୋରମ ପରିବେଶ ସୃଷ୍ଟି କରାଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିରାପତ୍ତା ଓ ଐତିହ୍ୟ କରିଡର୍



ପାଇଁ ଆଗେଇ ଚାଲିଛି ଜମି ଅଧିଗ୍ରହଣ ଏବଂ ଉନ୍ନୟନ କାର୍ଯ୍ୟ। ଶ୍ରୀଜଗନ୍ନାଥ ହେରିଟେଜ୍ କରିଡର ପ୍ରତିଷ୍ଠା ପାଇଁ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ➤ ପୃ-୬

### କୋଭିଡ୍ ସ୍ଥିତି ଓ ଟିକା ପ୍ରସ୍ତୁତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

## ସମସ୍ତଙ୍କ ପାଖରେ ଟିକା ପହଞ୍ଚିବା ଜରୁରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କୋଭିଡ୍-୧୯ ପରିସ୍ଥିତି ଓ ଦେଶରେ କୋଭିଡ୍ ପ୍ରତିଷେଧକ ପହଞ୍ଚାଇବା, ବଣ୍ଟନ କରିବା ଓ ଏହା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଦେଶରେ କୋଭିଡ୍‌ରେ ସଂକ୍ରମଣ ସଂଖ୍ୟା ଧୀରେ ଧୀରେ ଅବନତି ଘଟୁଛି ବୋଲି ଶ୍ରୀ ମୋଦି କହିଛନ୍ତି। ତିନୋଟି ଟିକା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଓ ତାହା ମଧ୍ୟରୁ ଦୁଇଟି ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ଭାରତୀୟ ବୈଜ୍ଞାନିକ ଓ ଗବେଷକ ଦଳ ଭୁଟାନ, ଆଫଗାନିସ୍ତାନ, ବାଙ୍ଗଲାଦେଶ, ମାଳଦୀପ, ମରିସସ, ନେପାଳ ଓ ଶ୍ରୀଲଙ୍କା ଭଳି ପଡୋଶୀ ଦେଶଗୁଡ଼ିକ ସହ ମିଶି ଗବେଷଣା ଚଳାଇଛନ୍ତି।



ବାଲାଂଦେଶ, ମ୍ୟାଁମାର, କତାର ଓ ଭୁଟାନ ସେମାନଙ୍କ ଦେଶରେ ଟିକାର କ୍ଲିନିକାଲ ଟ୍ରାଏଲ୍ ପାଇଁ ଭାରତକୁ ଅନୁରୋଧ କରିଛନ୍ତି। ବିଶ୍ୱ ସମ୍ପ୍ରଦାୟକୁ ସାହାଯ୍ୟ କରିବାର ଉଦ୍ୟମ ସ୍ୱରୂପ ପ୍ରଧାନମନ୍ତ୍ରୀ କେବଳ ନିଜର ପଡୋଶୀ ଦେଶମାନଙ୍କ ପାଇଁ ନୁହେଁ ସମଗ୍ର ବିଶ୍ୱକୁ ଲକ୍ଷ୍ୟରେ ରଖି ଟିକା, ଔଷଧ ଓ ପ୍ରତିଷେଧକ ପହଞ୍ଚାଇବା ପାଇଁ ଆଇଟି ସୁବିଧା ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍-୧୯ ଟିକା ସମ୍ପର୍କରେ ଜାତୀୟ ବିଶେଷଜ୍ଞ ଗୋଷ୍ଠୀ ରାଜ୍ୟ ସରକାର ଓ ଅନ୍ୟ ଭାଗିଦାରୀମାନଙ୍କ ସହ ପରାମର୍ଶ କରି ପ୍ରତିଷେଧକର ମହଜୁଦ, ବଣ୍ଟନ ଓ ପ୍ରତିଷେଧକ ଦିଆଯିବା ସଂକ୍ରାନ୍ତରେ ଏକ ବିସ୍ତୃତ ଯୋଜନାର ରୂପ ରେଖ ଉପସ୍ଥାପନ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବା ଲାଗି ଏହି ବିଶେଷଜ୍ଞ ଗୋଷ୍ଠୀ ରାଜ୍ୟ ଗୁଡ଼ିକ ସହ ବିଚାର ବିମର୍ଷ କରି କାର୍ଯ୍ୟ ଚଳାଇଛନ୍ତି। ଦେଶର ଭୌଗଳିକ ବିବିଧତାକୁ ➤ ପୃ-୬

## ଶୀତରେ ଥରିବ ଓଡ଼ିଶା

**ଭୁବନେଶ୍ୱର :** ଚଳିତ ବର୍ଷ ଭାରତ ସମେତ ଓଡ଼ିଶାରେ ବି ହାଡ଼ ଭଙ୍ଗା ଶୀତ ଅନୁଭୁତ ହେବ। ଲା’ନିନା ପ୍ରଭାବ ଯୋଗୁ ଶୀତର ପ୍ରକୋପ ବୃଦ୍ଧି ହେବ ବୋଲି ଆଶଙ୍କା କରାଯାଉଥିବା ବେଳେ ଶୀତ ଦିନେ ବି ବାରମ୍ବାର ବର୍ଷା ହେବ ବୋଲି ଜଣାପଡ଼ିଛି। ଡିସେମ୍ବର ମାସରେ ସ୍ୱାଭାବିକ ତାପମାତ୍ରା ହାର ୧.୬ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ କମିବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ଓଡ଼ିଶା ସମେତ ସାରା ଭାରତ, ବିଶେଷ କରି ଦକ୍ଷିଣ ଭାରତରେ ପ୍ରବଳ ଶୀତ ଅନୁଭୁତ ହେବ। ଲା’ ନିନା ପ୍ରଭାବ ଯୋଗୁଁ ଶୀତର ପ୍ରଭାବ



ଯଥେଷ୍ଟ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଇଏମ୍‌ଡିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଲା’ ନିନା ପ୍ରଭାବ ଦୁର୍ବଳ ହେଉଥିବାରୁ ଏ ବର୍ଷ ପ୍ରବଳ ଶୀତ ଅନୁଭବ ହେବ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଦ୍ୱାରା ଆୟୋଜିତ ଏକ ୱେବିନାରରେ ଯୋଗଦେଇ ସେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରରେ ଅନିୟମିତତା ଦେଖାଯାଇଛି। କୌଣସି ବର୍ଷ ମରୁଡ଼ି ପଡୁଥିବା ବେଳେ ଆଉ କେଉଁ ବର୍ଷରେ ପ୍ରବଳ ବର୍ଷା ହୋଇ ଫସଲ ହାନି ଘଟୁଛି। ଭାରତରେ ପାଣିପାଗ ଉପରେ ଏଲ୍ ନିନୋ ଓ ଲା’ ନିନୋର ବଡ଼ ପ୍ରଭାବ ରହୁଥିବାରୁ ବର୍ଷା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ହେଉଛି। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ହାରାହାରି ତାପମାତ୍ରା ଠାରୁ ବାୟୁମଣ୍ଡଳର ତାପମାତ୍ରା ଅଧିକ ରହିଲେ ତାହାକୁ ଲା’ନିନୋ କୁହାଯାଏ। ➤ ପୃ-୬

## ୧୪% ଭାରତୀୟ କୁପୋଷଣର ଶିକାର

**ନୂଆଦିଲ୍ଲୀ :** ଭାରତୀୟଙ୍କ ହାରାହାରି ଆୟୁଷ ପ୍ରାୟ ୧୦ ବର୍ଷ ବୃଦ୍ଧି ପାଇଛି। ୧୯୯୦ରେ ଭାରତୀୟଙ୍କ ହାରାହାରି ଆୟୁଷ ୫୯.୬ ବର୍ଷ ଥିଲା ବେଳେ ୨୦୧୯କୁ ଏହା ୭୦.୮ ବର୍ଷରେ ପହଞ୍ଚିଛି। ପ୍ରଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା ‘ଦି ଲାନସେଟ୍’ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଦର୍ଶାଯାଇଛି। ଭାରତରେ ରାଜ୍ୟ ଭିତ୍ତିରେ ହାରାହାରି ଆୟୁଷରେ ତାରତମ୍ୟ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହି ଅନୁସାରେ କେରଳୀଙ୍କ ହାରାହାରି ଆୟୁଷ ସର୍ବାଧିକ ୭୭.୩ ବର୍ଷ ଥିବା ବେଳେ ଉତ୍ତରପ୍ରଦେଶବାସୀଙ୍କର ୬୬.୯ ବର୍ଷ ରହିଛି। ଅପରପକ୍ଷରେ ବିଶ୍ୱର ୨୦୦ ରାଷ୍ଟ୍ରରେ ହୋଇଥିବା ସର୍ଭେ ଅନୁଯାୟୀ, ମୃତ୍ୟୁର ୨୮୬ଟି କାରଣ ଓ ୩୬୯ ପ୍ରକାର ବ୍ୟାଧି ରହିଥିବା ଏବଂ ଏହା ଉପରେ ଗବେଷଣା ପୂର୍ବକ ରିପୋର୍ଟ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ଭାରତରେ ସଂକ୍ରାମକ ବ୍ୟାଧି ହ୍ରାସ ପାଇଥିବା ବେଳେ ଦୀର୍ଘସ୍ଥାୟୀ ରୋଗ ବୃଦ୍ଧି ପାଇଛି ଏବଂ ଭାରତବାସୀ ଏଥିସହିତ ଦୀର୍ଘକାଳ ବଞ୍ଚି ରହିବାରେ ସକ୍ଷମ ବୋଲି ଏଥିରେ କୁହାଯାଇଛି। ଭାରତୀୟ ଜନସ୍ୱାସ୍ଥ୍ୟ ସଂସ୍ଥାନର ବିଶେଷଜ୍ଞ



ଶ୍ରୀନିବାସ ଗୋଲି ଏହାକୁ ସ୍ୱୀକାର କରି କହିଛନ୍ତି ଯେ, ଭାରତୀୟଙ୍କ ହାରାହାରି ଆୟୁଷ ବଢ଼ିଥିଲେ ମଧ୍ୟ ଖରାପ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ପରିବେଶ ଯୋଗୁଁ ଅନେକ ଲୋକ ନିଜର ପରିଣତ ବୟସରେ ରୋଗବ୍ୟାଧି ସହ ଜୀବନ କାଟୁଛନ୍ତି। ଭାରତରେ ପ୍ରସବକାଳୀନ ମୃତ୍ୟୁହାର ସର୍ବାଧିକ ରହିଥିବା ବେଳେ ପଞ୍ଚମ ସ୍ଥାନରେ ଥିବା ହୃଦ୍‌ରୋଗ ଏବେ ପ୍ରଥମକୁ ଉଠିଛି। କର୍କଟ ରୋଗାକ୍ରାନ୍ତଭ୍‌କ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିଚାଲିଛି। ପ୍ରଦୂଷଣ, ତମାଖୁ ସେବନ ଆଦି ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ ପ୍ରତିବନ୍ଧକ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଭାରତରେ ପ୍ରଦୂଷଣ କାରଣରୁ ୧.୬୭ ନିୟୁତ, ଉଚ୍ଚ ରକ୍ତଚାପରେ ୧.୪୭ ନିୟୁତ, ତମାଖୁ ଜନିତ ରୋଗରେ ➤ ପୃ-୬

### ବକ୍ରବାଣୀ



ବାଲେଶରିଆଟେ ମୁଁ ହେଇଥା’ନ୍ତି
କେତେ ମଜା ଏବେ ମୁଁ ନେଇଥା’ନ୍ତି
ଦିନରାତି ମାଉଁସ ଖାଇଥା’ନ୍ତି
ବିଲାତି ପାଣି ଖାଲି ପିଇଥା’ନ୍ତି
ନେତାଙ୍କ ସାଙ୍ଗେ କେତେ ବୁଲିଥା’ନ୍ତି
ଲମ୍ବା ଲମ୍ବା ଭାଷଣ ଶୁଣିଥା’ନ୍ତି
ଫେସବୁକରେ ଫଟୋ ଛାଡ଼ିଥା’ନ୍ତି
କେତେ ଭେଳିକି ସତେ କରିଥା’ନ୍ତି
ମିଛୁଟାରେ ପ୍ରସାଦ ଛୁଇଁଥା’ନ୍ତି
ଟଙ୍କା ନେଇ ଭୋଟ ଦେଇନଥା’ନ୍ତି।

—— ଟୁଟୁ

## ସଂକ୍ରମଣ କମୁଥିଲେ ବି ସତର୍କ ରହିବା ଦରକାର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭାରତରେ ସାର୍ସ-କୋଭ-୨ର ଶାରୀରିକ ଗଠନ ବର୍ତ୍ତମାନ ସୁଦ୍ଧା ସ୍ଥିର ରହିଥିବା କହିଛନ୍ତି କେନ୍ଦ୍ର ସରକାର। ସମ୍ପ୍ରତି ଏକ ଫଳପ୍ରଦ କୋଭିଡ୍ ଟିକା ପାଇଁ ବିକାଶ ପ୍ରକ୍ରିୟା ଜାରି ରହିଥିଲା ବେଳେ ସର୍ବଭାରତୀୟ ସ୍ତରରେ କରାଯାଇଥିବା ଦୁଇ ଦୁଇଟି ଆନୁବଂଶିକ ସର୍ବେକ୍ଷଣରୁ ଅଭିନବ କରୋନା ଭୂତାଣୁ ସାର୍ସ-କୋଭ-୨ର ଅସ୍ତିତ୍ୱ ସ୍ଥିର ରହିଛି ଏବଂ ଏଥିରେ କୌଣସି ପ୍ରକାର ଉଲ୍ଲେଖନୀୟ ରୂପାନ୍ତର ଘଟିନାହିଁ ବୋଲି ଜଣାପଡିଛି। ଋଷିଆର ଗମାଲେଇ ପ୍ରତିଷ୍ଠାନ ଦ୍ୱାରା ବିକଶିତ କୋଭିଡ୍ ଟିକା ସ୍ପୁଟିନିକ୍-ଭି’ର ଫଳପ୍ରଦତା ପରଖିବା ପାଇଁ ଭାରତରେ ବ୍ୟାପକ ନୈଦାନିକ ପରୀକ୍ଷଣ ନିମନ୍ତେ ଭେଷଜ କମ୍ପାନୀ ଡକ୍ଟର ରେଡ୍ଡି’ସ୍ ଲାବୋରାଟାରୀର ପ୍ରସ୍ତାବକୁ



କେନ୍ଦ୍ରୀୟ ଭେଷଜ ମାନକ ନିୟନ୍ତ୍ରଣ ସଂସ୍ଥା (ସିଡିଏସ୍‌ସିଓ) ପୂର୍ବରୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବର୍ତ୍ତମାନର ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ଏହି ଟିକାର ମାନବୀୟ ପରୀକ୍ଷଣ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡିଛି। ଅପରପକ୍ଷେ, ଆଗାମୀ ନଭେମ୍ବର ସୁଦ୍ଧା ଆନ୍ତର୍ଜାତିକ ଭେଷଜ କମ୍ପାନୀ ଫାଇଜର ଦ୍ୱାରା ବିକଶିତ କୋଭିଡ୍ ଟିକା ଆମେରିକାରେ ଉପଲବ୍ଧ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଭାରତରେ କୋଭିଡ୍ ସଂକ୍ରମଣ ଲଗାତାର କମିବା ପରେ ଆରୋଗ୍ୟ ହାର ବୃଦ୍ଧି ପାଇଛି।

ଏଭଳି ସ୍ଥିତିରେ ଓଡ଼ିଶାରେ ସଂକ୍ରମଣ କମୁଥିଲା ବେଳେ ମୃତ୍ୟୁହାର ଅଧିକ ରହିଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ ରାଜ୍ୟରେ କରୋନା ସଂକ୍ରମଣ ଖସିଥିଲେ ହେଁ କରୋନା ମୃତ୍ୟୁ ସଂଖ୍ୟା ପୂର୍ବଭଳି ଜାରି ରହିଛି। ଏଥିରେ ଖୋର୍ଦ୍ଧାରୁ ସର୍ବାଧିକ ଥିଲା ବେଳେ ଅନ୍ୟ ଜିଲ୍ଲାରେ ସଂଖ୍ୟା କମ ରହିଛି। ପୂର୍ବରୁ ଖୋର୍ଦ୍ଧାରେ ୩ଶହରୁ ଅଧିକ ସଂକ୍ରମଣ ସଂଖ୍ୟା ରହୁଥିଲା ବେଳେ ଅକ୍ଟୋବରରେ ଏହା ତଳକୁ ଖସିଆସିଛି। ଓଡ଼ିଶାରେ ସଂକ୍ରମଣ କରିବାକୁ ନେଇ ବିଶେଷଜ୍ଞଙ୍କ ମତ ହେଲା ଲୋକମାନେ ସତର୍କ ରହୁଛନ୍ତି ଓ ସଚେତନତା ବଢ଼ିଛି। ସେପ୍ଟେମ୍ବର ମାସ ଅପେକ୍ଷା ଅକ୍ଟୋବର ମାସରେ କମ ରହିଛି ସଂକ୍ରମଣ। ଗତମାସ ତୁଳନାରେ ➤ ପୃ-୬

## ଶାରଦୀୟ କଟକଣା ଜାରି

**ଭୁବନେଶ୍ୱର :** ମହାମାରୀ କୋଭିଡ୍ ସଂକ୍ରମଣରୁ ଲୋକଙ୍କୁ ଦୂରରେ ରଖିବା ପାଇଁ ଶାରୀଦୟ ଦୁର୍ଗାପୂଜାରେ କୌଣସି ପ୍ରକାର ସାମାଜି, ରାଜନୈତିକ ସମାବେଶ, କ୍ରୀଡା, ଆମୋଦ ପ୍ରମୋଦ, ସାଂସ୍କୃତିକ, ଧର୍ମୀୟ କାର୍ଯ୍ୟାନୁଷ୍ଠାନ ସମତେ ବହୁ ସଂଖ୍ୟାରେ ସର୍ବସାଧାରଣରେ ଏକାଠି ହେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଗତ ୧ ତାରିଖରେ ଜାରି କରିଥିବା ନିର୍ଦ୍ଦେଶନାମାରେ ସଂଶୋଧନ କରି ସାନି ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋଭିଡ୍ ସଂକ୍ରମଣ ଆଶଙ୍କା ମଧ୍ୟରେ ରାଜ୍ୟର ଦୁଇ ବିଧାନସଭା ଆସନରେ ହେଉଥିବା ଉପନିର୍ବାଚନ ନିମନ୍ତେ ରାଜ୍ୟ ସରକାର କୋଭିଡ୍ କଟକଣାକୁ କୋହଳ କରିଛନ୍ତି। ସର୍ବାଧିକ ୧୦୦ରୁ ଅଧିକ ଲୋକଙ୍କ ଏକାଠି ଉପରେ ରହିଥିବା କଟକଣାକୁ ରାଜ୍ୟ ସରକାର ହଟାଇ ଦେଇଛନ୍ତି। ପଡିଆର ସାଇଜ ଓ ସାମାଜିକ



ଦୂରତ୍ୱକୁ ଦୃଷ୍ଟିରେ ରଖି କେତେ ଲୋକେ ଏକାଠି ହୋଇପାରିବେ ତାହା ଜିଲ୍ଲା ପ୍ରଶାସନ ସ୍ଥିର କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସଂଶୋଧିତ ନିର୍ଦ୍ଦେଶନାମାରେ କୁହାଯାଇଛି। ଆଜି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ପୂର୍ବରୁ ଅକ୍ଟୋବର ପହିଲାରେ ଜାରି ହୋଇଥିବା ନିର୍ଦ୍ଦେଶନାମାର ଧାରା-୨ର ଉପଧାରା-ଘ’ରେ ଥିବା ପ୍ରାବଧାନରେ ରାଜ୍ୟ ସରକାର ➤ ପୃ-୬




## ମଇଦାନରେ ପ୍ରବୀଣ ଓ ନୂଆ ମୁହଁ ମଧ୍ୟରେ ତ୍ରିମୁଖୀ ଲଢେଇ

**ଜଗତସିଂହପୁର :** ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ତିନି ଗୋଟି ବ୍ଲକ ମଧ୍ୟରୁ ବିରିଡି ବ୍ଲକରେ ୨୧ଟି ପଞ୍ଚାୟତ, ରଘୁନାଥପୁର ବ୍ଲକରେ ୧୯ଟି ପଞ୍ଚାୟତ ଓ ତିର୍ତ୍ତୋଲ ବ୍ଲକରେ ୨୧ଟି ପଞ୍ଚାୟତକୁ ନେଇ ଗଠିତ ଏହି ବିଧାନସଭା

### ତିର୍ତ୍ତୋଲ ନିର୍ବାଚନ



କ୍ଷେତ୍ରଟି ନିର୍ବାଚନ ବେଳକୁ ସର୍ବଦା ଚର୍ଚ୍ଚାରେ ରହିଥାଏ। ଏବେ ହେବାକୁ ଯାଉଥିବା ଉପନିର୍ବାଚନରେ ବି ଦଳୀୟ କନ୍ଦଳସବୁ ଲାଗି ରହିଛି। ତିର୍ତ୍ତୋଲ ବିଜେଡି ବିଧାୟକ ବିଷ୍ଣୁ ଦାସଙ୍କ ବିୟୋଗ ପରେ ତାଙ୍କ ପୁଅ ବିଜୟ ଶଙ୍କର ଦାସ ଦାବିଦାର ଥିଲେବି ସାଂସଦଙ୍କ କର୍ମୀ ମାନେ ଏକପ୍ରକାର ଗ୍ରହଣକରିପାରୁ ନଥିଲେ। ଫଳରେ ଚଳିତ ନିର୍ବାଚନରେବି ବିଜେଡି କନ୍ଦଳ ଯୋର ଧରିଥିବା ବେଳେ ଆଶାୟୀ ଥିବା କିଛି ପ୍ରାର୍ଥୀଙ୍କ କର୍ମୀ ମାନେ ବି ଭିତିରିଆ ପାନେ ଦେବାର ନିଶାରେ ମଶଗୁଲ ଅଛନ୍ତି। ସେଥିପାଇଁ ବିଜେଡିର କିଛି ସ୍ୱର୍ଗତ ଦାସଙ୍କ ସମର୍ଥକ ଥିବା କୁଜି ନେତା ମାନଙ୍କ ମନରେ ଛାନିଆଁ ପଶିଗଲାଣି। ତିର୍ତ୍ତୋଲ ନିର୍ବାବଚନ ମଣ୍ଡଳୀର ବିଧାୟକ ସ୍ୱର୍ଗତ ଦାସଙ୍କର କିଛି ହାତ ଗଣତି ନେତା ବିଜେଡି ପ୍ରାର୍ଥୀ ବିଜୟ ଶଙ୍କରଙ୍କ ପାଇଁ ଲଢୁଥିଲେ ବି ସେମାନଙ୍କର ପାରିବା ପଣିଆ ଏହି ନିର୍ବାଚନରେ କାମ ଦେବା ନାହିଁ , ବରଂ ସାଂସଦଙ୍କ ବହୁ କର୍ମୀ ଗୁପ୍ତ ମନ୍ତ୍ରଣା କରି ପଦ୍ମ ଆଡକୁ ଢଳିଯିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହେଲାଣି । କାରଣ ବିଜେଡି ପକ୍ଷରୁ ବହୁତଥର ଦଳୀୟ ବୈଠକରେ ଦୀର୍ଘ ଦିନ ହେଲା ପଡିରହିଥିବା କଂଗ୍ରେସ ଦଳ ଓ ବିଜେପି ଦଳର କିଛି ହାତ ଗଣତି କର୍ମୀ ମାନଙ୍କୁ ଡାକି ଯେଉଁ ମିଶ୍ରଣ ପର୍ବ ରଘୁନାଥପୁର ଅଞ୍ଚଳରେ କରାଯାଇଛି ତାହା କେବଳ ଏକ ଥଇଥାନ ଯୋଜନା ରେ ନିଯୁକ୍ତି ଦେବାଘଟଣା ପରି ଲାଗୁଥିବାର ସାଧାରଣରେ ଆଲୋଚନା ହେଉଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** - ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ବ୍ୟବସାୟରେ ଉନ୍ନତି କରିବେ।

**ବୃଷ** - ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** - ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କର୍କଟ** - କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ** - ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କନ୍ୟା** - ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା** - କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** - ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**ଧନୁ** - ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ମକର** - ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କୁମ୍ଭ** - କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ** - ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# 'ମୃତ୍ୟୁହାର ରୋକିବାରେ ରେମଡେସିଭିର ବିଫଳ'

**ୱାଶିଂଟନ :** ଗିଲ୍ଡ ସାଇନ୍ସର ରେମଡେସିଭିର କରୋନା ରୋଗୀଙ୍କ ପାଇଁ ଫଳପ୍ରଦ ହେଉଥିବା ଏକାଧିକ ରାଷ୍ଟ୍ର ମତ ଦେଉଥିବା ବେଳେ ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏହା ଉପରେ ବଡ ବୟାନ ଦେଇଛି। ରେମଡେସିଭିର କରୋନା ରୋଗୀଙ୍କ ହସ୍ପିଟାଲ ରହଣୀ କିମ୍ବା ମୃତ୍ୟୁହାର କମ କରିବାରେ କୌଣସି ପ୍ରକାରର ସହାୟକ ହେଉନି। ଏହାର ପ୍ରଭାବ ବହୁତ କମ କିମ୍ବା କିଛି ନାହିଁ ବୋଲି କହିଲେ ଭୁଲ ହେବନାହିଁ ବୋଲି 'ହୁ' ପକ୍ଷରୁ କୁହାଯାଇଛି। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ରେମଡେସିଭିର ମେଡିସିନ୍ ଖାଇବାକୁ ଦିଆଯାଇଥିଲା। ଏବେ 'ହୁ' କହିଛି କରୋନା ରୋଗୀଙ୍କ ଉପରେ ବିଭିନ୍ନ ଦେଶରେ ବ୍ୟବହୃତ ହେଉଥିବା ସମ୍ଭାବ୍ୟ ଔଷଧ ଉପରେ ପରୀକ୍ଷା




କରାଯାଇଥିଲା। ୩୦ଟି ଦେଶରେ ୧୧,୨୬୬ ଜଣ ପ୍ରାପ୍ତ ବୟସ୍କଙ୍କୁ ରେମଡେସିଭିର, ହାଇଡ୍ରୋକ୍ସିକ୍ଲୋରୋକୁଇନ, ଆଣ୍ଟି ଏଚ୍ଆଇଭି ଔଷଧର କମ୍ବିନେସନ ଲୋପିନାଭିର/ରିଟୋନାଭିର ଦିଆଯାଇଥିଲା। ପରୀକ୍ଷାରୁ ଜଣାପଡିଛି ଯେ, ଏହି ମେଡିସିନ ଗୁଡିକ କରୋନା ରୋଗୀଙ୍କ ଉପରେ ବହୁତ କମ କିମ୍ବା ପ୍ରଭାବ ପକାଇ ପାରୁ ନଥିବା ଜଣାପଡିଛି। ମେଡିସିନ ଖାଇବା ପରେ ମଧ୍ୟ ଏହା ୨୮ ଦିନର ମୃତ୍ୟୁହାର କିମ୍ବା ଜଣେ ଆକ୍ରାନ୍ତଙ୍କ ହସ୍ପିଟାଲ ରହଣୀ ସମୟକୁ ହ୍ରାସ କରିପାରୁନାହିଁ ବୋଲି 'ହୁ' ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ଗିଲ୍ଡ ପକ୍ଷରୁ ରେମଡେସିଭିରକୁ ନେଇ ଏକ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ରେମଡେସିଭିର ଖାଉଥିବା କରୋନା ଆକ୍ରାନ୍ତମାନେ ସାଧାରଣ ପ୍ଲେସୋବ ଖାଉଥିବା ଲୋକଙ୍କ ତୁଳନାରେ ୫ଦିନ ପୂର୍ବରୁ ଭଲ ହୋଇଯାଉଛନ୍ତି। ୧୦୬୨ ଜଣଙ୍କ ଉପରେ ମେଡିସିନ ପରୀକ୍ଷା କରାଯିବା ପରେ ଗିଲ୍ଡ ଏଭଳି ତଥ୍ୟ ରଖିଥିଲେ।

# '୨୦୨୦ରେ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧି ୪.୪% ହ୍ରାସ ପାଇବ'

**ନୂଆଦିଲ୍ଲୀ :** କରୋନା ମହାମାରୀ ଯୋଗୁଁ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱର କୌଣସି ଦେଶ ଏହାର ପ୍ରଭାବରୁ ମୁକ୍ତ ହୋଇପାରିନାହାନ୍ତି। ଫଳରେ ସମଗ୍ର ବିଶ୍ୱ ଅର୍ଥନୀତି ଏକ ଗଭୀର ମାନ୍ଦାବସ୍ଥାରେ ପ୍ରବେଶ କରିଛି। ୨୦୨୦ରେ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ୪.୪% ହ୍ରାସ ପାଇବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପୂର୍ବାନୁମାନ କରିଛି। ଭାରତ ସମ୍ପର୍କରେ ଆଇଏମ୍ଏଫ୍ କହିଛି ଯେ, ଚଳିତ ବର୍ଷ ଏହାର ଜିଡିପି ଅଭିବୃଦ୍ଧି ୧୦.୩% କମିବ। କିନ୍ତୁ ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ଅଭିବୃଦ୍ଧି ପଥକୁ ଫେରିବ ଓ ଜିଡିପି ଅଭିବୃଦ୍ଧି ୮.୮% ରହିବ। ଏହାଫଳରେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା ଅର୍ଥନୀତିରେ ପରିଣତ ହେବ। ସେହିପରି ବିଶ୍ୱ ଅର୍ଥନୀତି ମଧ୍ୟ ଆସନ୍ତା ଆର୍ଥିକ ବର୍ଷରେ ୫.୨% ହାରରେ ଅଭିବୃଦ୍ଧି ଲାଭ କରିବ। ଗତ ସପ୍ତାହରେ ପ୍ରକାଶିତ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ କୁହାଯାଇଥିଲା ଯେ, ଚଳିତ ଆର୍ଥିକ ବର୍ଷ (୨୦୨୦-୨୧)ରେ




ଭାରତର ଜିଡିପି ଅଭିବୃଦ୍ଧି ହାର ୯.୬% ହ୍ରାସ ପାଇବ। କିନ୍ତୁ ୨୦୨୧-୨୨ରେ ଭାରତୀୟ ଅର୍ଥନୀତି ପୁଣି ଥରେ ଅଭିବୃଦ୍ଧି ପଥକୁ ଫେରିବ ଓ ୫.୪% ଜିଡିପି ଅଭିବୃଦ୍ଧି ହାସଲ କରିବ। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ଚିନ୍ତାଜନକ ଭାବେ ହ୍ରାସ ପାଇବ ବୋଲି ପୂର୍ବରୁ ମଧ୍ୟ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରେଟିଂ ସଂସ୍ଥା ପୂର୍ବାନୁମାନ କରିଥିଲେ।

# 'ଶୀତଦିନେ ବଢ଼ିବ ସଂକ୍ରମଣ'



**ନୂଆଦିଲ୍ଲୀ :** ଭାରତରେ କରୋନା ଭାଇରସ ମାମଲା ହ୍ରାସର ନାମ ନେଉନାହିଁ, ଆଗାମୀ ଶୀତଦିନେ କରୋନା ସଂକ୍ରମଣ ବୃଦ୍ଧି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏହି ସମୟରେ ନୀତି ଆୟୋଗ ସଦସ୍ୟ ଡ. ଭିକେ ପାଲ ଶୀତ ଦିନ ନିମନ୍ତେ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଅଧିକାଂଶ ଶ୍ୱାସରୋଗଜନିତ ଜୀବାଣୁ ଶୀତ ସମୟରେ ବୃଦ୍ଧି ପାଇଥାଆନ୍ତି। ଆଗାକୁ ଶୀତଦିନ ଆସୁଛି ଏବଂ ସଂକ୍ରମଣ ହେବାର ଆଶଙ୍କା ବଢୁଛି। ଏଭଳି ପରିସ୍ଥିତିରେ କରୋନା ଟିକା ଆସିବାର କୌଣସି ସମ୍ଭାବନା ନାହିଁ, ତେଣୁ ସତର୍କତା ଏକମାତ୍ର ବାଟ ବୋଲି ଡ. ପାଲ କହିଛନ୍ତି। ଏହାସହ ପରିସ୍ଥିତିର ମୁକାବିଲା ନିମନ୍ତେ ବାଧ୍ୟତାମୂଳକ ଭାବରେ ମାସ୍କ ପିନ୍ଧିବାକୁ ସେ ପରାମର୍ଶ ଦେଇଛନ୍ତି। ନୀତି ଆୟୋଗର ସଦସ୍ୟ (ସ୍ୱାସ୍ଥ୍ୟ) ଡକ୍ଟର ଭିକେ ପାଲ ମଙ୍ଗଳବାର ଦେଶରେ କୋଭିଡ୍ ମହାମାରୀର ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି କୋଭିଡ୍-୧୯ ଏତେ ଶୀଘ୍ର ଯିବା ଜଣାପଡୁନାହିଁ। ଆମେ ଆମର ପରିଷ୍କାର ପରିଚ୍ଛନ୍ନତାର ଯତ୍ନ ନେବା ଆବଶ୍ୟକ। କରୋନା ଶୀତଦିନେ ଏହି ରୋଗ ବଢ଼ିବା ସମ୍ଭାବନା ଅଧିକ। ତେଣୁ ଆମର ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆବଶ୍ୟକ। ମାସ୍କ, ସାମାଜିକ ଦୂରତା ଆଦିକୁ ଜୀବନର ଅଂଶ କରିବାକୁ ପଡିବ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କରୋନା ସଂକ୍ରମଣକୁ ରୋକିବା ପାଇଁ ଥ୍ରୀ-ପ୍ଲାଇ ମାସ୍କ (ତିନି-ସ୍ତରୀୟ ମାସ୍କ) ଏବଂ ଘରେ ତିଆରି ମାସ୍କ ଉପକାରୀ। ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଏନ୍-୯୫ ମାସ୍କ ଉପକାରୀ ହୋଇଥିବା ବେଳେ ସର୍ଜିକାଲ୍ ମାସ୍କ ଉପଯୋଗୀ। ତେଣୁ ମାସ୍କ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବାକୁ ପଡିବ ବୋଲି ସେ କହିଛନ୍ତି।

### ଚୀନ୍‌କୁ ଭାରତର କଡା ଚେତାବନୀ

# ଲଦାଖ ମାମଲାରେ ହସ୍ତକ୍ଷେପ କରନି

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀର ଓ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଲଦାଖ ଭଳି ଆଭ୍ୟନ୍ତରୀଣ ପ୍ରସଙ୍ଗରେ ମନ୍ତବ୍ୟ ଦେବାକୁ ଚୀନ୍‌ର କୌଣସି ଅଧିକାର ନାହିଁ ବୋଲି ଭାରତର କଡ଼ା ଜବାବ ଦେଇଛି। ଗତ ସୋମବାର ସୀମାନ୍ତ ଅଞ୍ଚଳରେ ଭାରତ ୪୪ଟି ସେତୁ ଉଦ୍‌ଘାଟନ କରିବା ପରେ ବେଜିଂ ଦେଇଥିବା ମନ୍ତବ୍ୟ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ସୀମାନ୍ତ ଅଞ୍ଚଳରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କେତେଗୁଡିଏ ସେତୁ ଉଦ୍‌ଘାଟନ କରିବା ପରେ ଚୀନ୍ ପକ୍ଷରୁ କୁହାଯାଇଥିଲା, ଭାରତ ଅନୈତିକ ଭାବେ ଗଠନ କରିଥିବା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଏବଂ ଅରୁଣାଚଳ ପ୍ରଦେଶକୁ ଚୀନ୍ ସ୍ୱୀକାର କରେ ନାହିଁ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଝାଓ ଲିଜିଆନ୍ କହିଥିଲେ ଯେ, ସୀମାନ୍ତରେ ଭିତ୍ତିଭୂମି



ସ୍ଥାପନ ହେଉଛି ଦୁଇପକ୍ଷ ମଧ୍ୟରେ ଉତ୍ତେଜନା ସୃଷ୍ଟିର ମୂଳକାରଣ। ତେଣୁ ଦୁଇ ଦେଶ ଉତ୍ତେଜନା ବୃଦ୍ଧି କଲା ଭଳି କୌଣସି କାର୍ଯ୍ୟକ୍ରମ ନକରିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଗୁରୁବାର ଏହାର ଦୃଢ ଜବାବ ଦେଇଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ। ସେ କହିଛନ୍ତି, କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ, ଜମ୍ମୁ ଓ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ରହିଛି ଓ ରହିବ ମଧ୍ୟ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଆମର ସ୍ଥିତି ସମ୍ପର୍କରେ ଅନେକ ଥର ସ୍ପଷ୍ଟ କରାଯାଇଛି। ଅରୁଣାଚଳ ପ୍ରଦେଶ ମଧ୍ୟ ଭାରତର ଅବିଚ୍ଛେଦ୍ୟ ଓ ଅଭିନ୍ନ ଅଙ୍ଗ। ଉଚ୍ଚସ୍ତରରେ ମଧ୍ୟ ଅନେକ ଥର ଏକଥା ଚୀନ୍‌କୁ ଜଣାଇ ଦିଆଯାଇଛି। ଚୀନ୍‌କୁ ଜବାବ ଦେବାକୁ ଯାଇ ସେ ଆହୁରି କହିଛନ୍ତି ଯେ, ଅନ୍ୟ ଦେଶଗୁଡିକ ତାଙ୍କ ଦେଶର ମାମଲାରେ ମନ୍ତବ୍ୟ ନ ଦିଅନ୍ତୁ ବୋଲି ସେମାନେ ଆଶା କରୁଥିବାରୁ ସେମାନେ ମଧ୍ୟ ଭାରତର ଆଭ୍ୟନ୍ତର ମାମଲାରେ ମନ୍ତବ୍ୟ ଦେବା ଅନୁଚିତ୍। ସୀମାନ୍ତ ଅଞ୍ଚଳ ପ୍ରତି ଆମେ ବିଶେଷ ଧ୍ୟାନ ଦେଉଛୁ। ସହମତି ଆଧାରରେ ଯତ୍ନବାନ ହେଲେ ଧୀରେ ଧୀରେ ଶାନ୍ତି ଓ ସ୍ଥିରତା ଫେରି ଆସିବ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସୀମାନ୍ତ ଅଞ୍ଚଳ ପ୍ରତି ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ। ଚୀନ୍ ସହ ପୂର୍ବରୁ ହୋଇଥିବା ରାଜିନାମା ଅନୁଯାୟୀ ସୀମାରେ ଶାନ୍ତି ଓ ସ୍ଥିରତା ଫେରିଆସିବ ବୋଲି ଆମେ ଆଶା କରୁଛୁ। ଏଠାରେ ଉଲ୍ଲେଖଯୋଗ୍ୟ ଗତ ବୁଧବାର ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ରଣହୁଙ୍କାର ଦେଇ ଦେଶର ସେନା ପିପୁଲ୍ସ ଲିବରେସନ ଆର୍ମିକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କହିବା ପରିପ୍ରେକ୍ଷୀରେ ଭାରତ ବେଜିଂର ଦୃଢ ଜବାବ ଦେଇଛି।

### ଶିକ୍ଷା ବ୍ୟବସ୍ଥା ହେବ ମଜବୁତ

# 'ଷ୍ଟାର୍ସ'କୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ :** ଓଡ଼ିଶା ସମେତ ଛଅଟି ରାଜ୍ୟର ସ୍କୁଲ ଶିକ୍ଷା ଉନ୍ନତ କରିବା ଲାଗି ୫୭୧୮ କୋଟି ଟଙ୍କାର ଷ୍ଟ୍ରେଙ୍ଗ୍‌ଦେନିଙ୍ଗ୍ ଟିଚିଙ୍ଗ୍-ଲର୍ଣ୍ଣିଂ ଆଣ୍ଡ ରେଜଲ୍ଟସ୍ ଫର ଷ୍ଟେଟସ୍' ବା 'ଷ୍ଟାର୍ସ' ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିଲାଗି ବିଶ୍ୱ ବ୍ୟାଙ୍କ ପ୍ରାୟ ୩୭୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଏହି ପ୍ରକଳ୍ପ ହିମାଚଳ ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ ଏବଂ ଓଡ଼ିଶାରେ ଲାଗୁ କରାଯିବ। ଶିକ୍ଷାର ମାନ ଉନ୍ନତ କରିବା ନିମନ୍ତେ ଚିହ୍ନିତ ରାଜ୍ୟମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ପ୍ରକାର ସହାୟତା ମିଳିବ। ଏହି ପ୍ରକଳ୍ପ ବ୍ୟତୀତ ଗୁଜୁରାଟ, ତାମିଲନାଡୁ, ଉତ୍ତରାଖଣ୍ଡ, ଝାଡଖଣ୍ଡ ଏବଂ ଆସାମ ପ୍ରଭୃତି ୫ଟି ରାଜ୍ୟରେ 'ଏଡିବି' ଅନୁଦାନ ପ୍ରାପ୍ତ ଏହି ପ୍ରକାରର ଅନ୍ୟ ଏକ ପ୍ରକଳ୍ପ ଲାଗୁ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ଅଧିନରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନୂତନ ଯୋଜନା ଭାବେ 'ଷ୍ଟାର୍ସ୍' ପ୍ରକଳ୍ପ ଲାଗୁ କରାଯିବ। ଏହି ପ୍ରକଳ୍ପ ୨୦୨୦ ଜାତୀୟ ଶିକ୍ଷା ନୀତିର 'ମାନ-ଭିତ୍ତିକ ଶିକ୍ଷା ଫଳାଫଳ' ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ। ଏହି ପ୍ରକଳ୍ପ ଦ୍ୱାରା ଶିକ୍ଷା ମନ୍ତ୍ରଣାଳୟ ଜାତୀୟସ୍ତରରେ ସଠିକ୍ ତଥ୍ୟାବଳୀ ସଂଗ୍ରହ କରିବା ସହ ରାଜ୍ୟମାନଙ୍କର 'ପିଜିଆଇ' ସ୍କୋର ଉନ୍ନତ କରିପାରିବ। 'ନ୍ୟାସନାଲ ଆସେସ୍‌ମେଣ୍ଟ ସେଣ୍ଟର' (ପ୍ରକାଶ) ସ୍ଥାପନ ନିମନ୍ତେ ଶିକ୍ଷା ମନ୍ତ୍ରଣାଳୟର ଉଦ୍ୟମକୁ ମଧ୍ୟ ଏହି ପ୍ରକଳ୍ପ ସହାୟକ ହେବ। ରାଜ୍ୟସ୍ତରରେ ଏହି ପ୍ରକଳ୍ପ ପ୍ରାରମ୍ଭିକ ବାଲ୍ୟ ଶିକ୍ଷା ଏବଂ ମୂଳଦୁଆଭିତ୍ତିକ ଶିକ୍ଷା ସୁଦୃଢ଼ ଓ ଶିକ୍ଷା ମୂଲ୍ୟାୟନ ଧାରା ଉନ୍ନତ କରିବ। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭେଡକର କହିଛନ୍ତି ଯେ, ମୋଦି ସରକାର ନୂତନ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି ଏବଂ ଏହି ପ୍ରକ୍ରିୟାର ଅଂଶ ଭାବରେ ଏକ ଶକ୍ତିଶାଳୀ ଶିକ୍ଷା-ଶିକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

### ଚୀନ୍ ସେନାକୁ ଜିନ୍‌ପିଙ୍ଗ୍‌ଙ୍କ ନିର୍ଦ୍ଦେଶ

# ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ

**ବେଜିଂ :** ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଦେଶର ସେନାକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଭାରତ ଓ ତାଇୱାନ ସହ ଚୀନ୍‌ର ସମ୍ପର୍କ ଚରମସୀମାରେ ପହଞ୍ଚିଥିବା ବେଳେ ରାଷ୍ଟ୍ରପତି ଜିନପିଙ୍ଗ୍‌ଙ୍କ ଏଭଳି ନିର୍ଦ୍ଦେଶ ବେଶ୍ ଗୁରୁତ୍ୱ ବହନ କରୁଛି। ଜିନ୍‌ପିଙ୍ଗ୍ ମଙ୍ଗଳବାର ଦେଶର ଏକ ମିଲିଟାରୀ ବେସ୍‌କୁ ଯାଇଥିଲେ। ଏହି ସମୟରେ ସେ କହିଥିଲେ ଯେ, ଆପଣମାନେ ସମସ୍ତେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ ଓ ଏଥିପାଇଁ ଆଲର୍ଟ ରହିଥାଆନ୍ତୁ। ଜିନ୍‌ପିଙ୍ଗ୍ ମଙ୍ଗଳବାର ଗୁଆଙ୍ଗଡୋଙ୍ଗରେ ଥିବା ସାମରିକ ବେସରେ ପହଞ୍ଚିଥିଲେ। ଏହି ସମୟରେ ସେ ସୈନ୍ୟମାନଙ୍କୁ ଯୁଦ୍ଧ ଉପରେ ଫୋକସ କରିବାକୁ କହିଥିଲେ। ଏଥିସହ ସେ ସୈନ୍ୟମାନଙ୍କୁ ହାଇଆଲର୍ଟରେ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପିପୁଲ୍ସ ଲିବରେସନ ଆର୍ମି ମେରାଇନ୍ କର୍ପସର ସମୀକ୍ଷା କରିବା ପାଇଁ ଜିନପିଙ୍ଗ୍ ଗୁଆଙ୍ଗଡୋଙ୍ଗକୁ ଯାଇଥିଲେ। ସେ ଯବାନମାନଙ୍କୁ ବିଶ୍ୱସ୍ତ, ସମ୍ପୂର୍ଣ୍ଣ ନିଷ୍ପାପର ଓ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ହୋଇ କାମ କରିବାକୁ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ଭାରତ ଓ ତାଇୱାନ ବ୍ୟତୀତ ଆମେରିକା ସହ ମଧ୍ୟ ଚୀନ୍‌ର ତିକ୍ତତା ଲାଗି ରହିଛି। ସୋମବାରୀ ଆମେରିକା ନିଜ ଆଡୁ ତାଇୱାନକୁ ତିନୋଟି ଅତ୍ୟାଧୁନିକ ଅସ୍ତ୍ର ଯୋଗାଇବାକୁ ଘୋଷଣା କରିଛି। ଏହି ନିଷ୍ପତ୍ତି ଦ୍ୱାରା ଚୀନ୍ ବିରକ୍ତି ପ୍ରକାଶ କରିଥିଲା। କାରଣ ଚୀନ୍ ପଡୋଶୀ ତାଇୱାନକୁ ନିଜ ଦେଶର ଅଂଶବିଶେଷ ଭାବେ ବିବେଚନା କରୁଛି। ତେଣୁ ଚୀନ୍‌ର ବୈଦେଶିକ ମନ୍ତ୍ରାଳୟ ତାଇୱାନକୁ ଅସ୍ତ୍ର ଯୋଗାଇ ଦେବାକୁ ଆମେରିକା କରିଥିବା ଚୁକ୍ତିକୁ ତୁରନ୍ତ ବାତିଲ କରୁ ବୋଲି ପରାମର୍ଶ ଦେଇଥିଲା। ସୂଚନାଥାଉ କି, ଲଦାଖରେ ଗତ ୬ମାସ ହେଲା ଚୀନ୍ ଓ ଭାରତୀୟ ସେନା ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଉତ୍ତେଜନା ହ୍ରାସ ପାଇଁ ଉଭୟ ପକ୍ଷ ମଧ୍ୟରେ ଗତ କିଛିମାସ ମଧ୍ୟରେ ଅନେକଥର ଆଲୋଚନା ହୋଇଥିଲେ ମଧ୍ୟ ତାହାର କୌଣସି ସମାଧାନ ମିଳିପାରୁନାହିଁ। ଶେଷଥର ପାଇଁ ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ଆଲୋଚନା ୧୧ ଘଣ୍ଟା ଧରି ଚାଲିଥିଲେ ମଧ୍ୟ ଏଥିରୁ ସମସ୍ୟାର ସମାଧାନର ପନ୍ଥା ମିଳିପାରିନାହିଁ। ଏପରିକି ଚୀନ୍ ଏହି ଉତ୍ତେଜନା ପାଇଁ ଭାରତକୁ ଦାୟୀ କରୁଛି।

### ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ

# ଲୋକଙ୍କ ଦିୱାଲୀ ଆପଣଙ୍କ ହାତରେ

**ନୂଆଦିଲ୍ଲୀ :** ଲୋନ ମୋରଟୋରିୟମ ମାମଲାରେ ଋଣୀମାନଙ୍କ ଉପରେ ସୁଧ ଉପରେ ସୁଧ ଯୋଜନା ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନରମ ହେବା ପାଇଁ ପରାମର୍ଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଲୋକଙ୍କ ଦିୱାଲି ଆପଣଙ୍କ ହାତରେ, ତେଣୁ ସରକାର ଯଥାଶୀଘ୍ର ସୁଧ ଛାଡ ଯୋଜନା ଲାଗୁ କରିବା ଉଚିତ୍। ଏହାସହ ସୁପ୍ରିମ୍‌କୋର୍ଟ ମଧ୍ୟ ମୋରେଟୋରିୟମ ସୁବିଧା ନେଇଥିବା ଋଣୀମାନଙ୍କୁ ୨୦୨୦ ନଭେମ୍ବର ୧୫ ପର୍ଯ୍ୟନ୍ତ ସୁଧ ଉପରେ ସୁଧ ଦେବାକୁ ପଡିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଆର.ସୁଭାଷ ରେଡ୍ଡୀ ଓ ଏମ୍ ଆର ଶାହାଙ୍କୁ ନେଇ ଗଠିତ ବେଞ୍ଚ ୧୫ ନଭେମ୍ବର ପର୍ଯ୍ୟନ୍ତ କୌଣସି ଲୋନ ଆକାଉଣ୍ଟକୁ ନନ୍ ପରଫର୍ମିଂ ଆସେଟ୍ (ଏନ୍‌ପିଏ) ଘୋଷଣା କରାଯାଇ ପାରିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ହରିଶ ସାଲଭେ ମାମଲା ସମ୍ପର୍କରେ ଉଭୟ ସରକାର ଓ ରିଜର୍ଭ ବ୍ୟାଙ୍କର ପକ୍ଷ ରଖିଥିଲେ। ଏହି ଅବସରରେ ସେ ୮ଟି ବର୍ଗରେ ୨ କୋଟିରୁ ଅଧିକ ଋଣର ସୁଧ ଉପରେ ସୁଧ ଛାଡ ହୋଇପାରିବ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ସରକାରଙ୍କୁ ଏହି ମାମଲା ଉପରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ



ନଭେମ୍ବର ୨ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, କେନ୍ଦ୍ର ସରକାର ସୁଧ ଉପରେ ସୁଧ ଛାଡ ଯୋଜନା ଯଥାଶୀଘ୍ର ଲାଗୁ କରିବା ଉଚିତ୍। ଯଦି ସରକାର ଏହାଉପରେ ତୁରନ୍ତ ନିଷ୍ପତ୍ତି ନିଅନ୍ତି, ତେବେ ଅଦାଲତ ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ନେବେ। ମାତ୍ର ସଲିସିଟର ଜେନେରାଲ ଋଣ ଅଲଗା ଅଲଗା ଭାବରେ ଦିଆଯାଇଥିବାରୁ ଏ ସମ୍ପର୍କରେ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହାକୁ ନେଇ ନଭେମ୍ବର ୨ ତାରିଖ ସୁଦ୍ଧା ସୁଧ ଉପରେ ସୁଧ ଛାଡ ସମ୍ପର୍କରେ ବିସ୍ତୃତ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କରୋନା ସଂକ୍ରମଣ ରୋକିବା ନିମନ୍ତେ କେନ୍ଦ୍ର ସରକାର ପୁରା ଦେଶରେ ଲକଡାଉନ୍ ଘୋଷଣା କରିଥିଲେ। ଏହି ସମୟରେ ବିଭିନ୍ନ ଶିଳ୍ପ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କମ୍ପାନୀ ଓ ବ୍ୟବସାୟୀମାନେ ଏଥିଯୋଗୁଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଲକଡାଉନ୍‌ରେ ଅନେକ ନିଜର ଚାକିରି ହରାଇଥିଲେ। ଏହି ସ୍ଥିତିରେ ଋଣ ପରିଶୋଧ ବଡ ସମସ୍ୟା ହୋଇଥିଲା। ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଋଣ ମୋରେଟୋରିୟମ ନିମନ୍ତେ ପରାମର୍ଶ ଦେଇଥିଲେ। ଅର୍ଥାତ୍ ଯଦି ଋଣ କିସ୍ତି ବିଳମ୍ବିତ ହୋଇଥାଏ କିମ୍ବା କିସ୍ତି ପ୍ରଦାନରେ ଖିଲାପ ହୋଇଥାଏ ତେବେ ଏହି ସମୟରେ ଋଣର ସୁଧ ମୂଳଧନ ସହ ଯୋଡି ଦିଆଯିବ। ଅର୍ଥାତ୍ ମୂଳଧନ ଓ ଖିଲାପ ସମୟର ସୁଧ ଉପରେ ସୁଧ ଦେବାକୁ ପଡିବ। ଏହି ମାମଲାକୁ ନେଇ ଏବେ ବିଚାର ଚାଲିଛି।

# କରୋନା ସମୟରେ ଓଡିଶାକୁ ମିଳିଛି ୨୨,୨୬୭.୬୬ କୋଟି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ :** କୋଭିଡ୍-୧୯ ସମୟରେ ମୋଦି ସରକାର ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ସମେତ କୋଭିଡ୍ ପରିଚାଳନା ଓ ମୁକାବିଲା ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ମୋଟ୍ ୨୨,୨୬୭.୬୬ କୋଟିର ସହାୟତା ପ୍ୟାକେଜ୍ ପ୍ରଦାନ କରିଛନ୍ତି ବୋଲି ଶୁକ୍ରବାର ନୂଆଦିଲ୍ଲୀରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିସ୍ତୁତ ସୂଚନା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କରୋନା ମହାମାରୀ ସମୟରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ଏହାସହ ଓଡିଶାକୁ ବିପୁଳ କେନ୍ଦ୍ରୀୟ ସହାୟତା ଦିଆଯାଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଯତ୍ନଶୀଳ ହୋଇ କାମ କରିବା ଦରକାର ବୋଲି ସେ କହିଛନ୍ତି । ସେହିପରି ନିକଟରେ କେନ୍ଦ୍ର ସରକାର କର୍ମଚାରୀଙ୍କ ପାଇଁ ଉପଭୋକ୍ତାଙ୍କ ଅତିରିକ୍ତ ଚାହିଦା ପାଇଁ ଏଲଟିସି କ୍ୟାସ ଭାଉଚର ସ୍କିମ୍ କରାଯାଇଛି । ଏହା ଦ୍ୱାରା କେନ୍ଦ୍ର ସରକାରଙ୍କ ଅଧୀନରେ କାମ କରୁଥିବା କର୍ମଚାରୀମାନେ ଲାଭ ପାଇବେ । ତେବେ ଏହି କଠିନ ସମୟରେ ରାଜ୍ୟ ସରକାର ମଧ୍ୟ ନିଜ କର୍ମଚାରୀ ତଥା ଓଡିଶାର ପିଏସୟୁ କର୍ମଚାରୀଙ୍କ ପାଇଁ ଏପରି ସମାନ ଭାବେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନର ବ୍ୟବସ୍ଥା କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରତି ମାସରେ ବ୍ୟକ୍ତି ପିଛା ୫ କେଜି ଚାଉଳ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିବା ବେଳେ ରାଜ୍ୟର ୩.୧୭ କୋଟି ହିତାଧିକାରୀଙ୍କୁ ମାସିକ ୫ କେଜି ଚାଉଳ ପ୍ରଦାନ କରାଯାଇଛି । ଏହି ମର୍ମରେ ମୋଟ ୭ ଲକ୍ଷ ୫୧ ହଜାର ୯୩୦ ଟନ୍ ଚାଉଳ ଓଡିଶାକୁ ପ୍ରଦାନ କରାଯାଇଛି । ସେହିପରି ପ୍ରତି ପରିବାରକୁ ମାସିକ ୧ କେଜି ଡାଲି ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିବା ବେଳେ ଓଡିଶାର ୯୨.୮୫ ଲକ୍ଷ ପରିବାରକୁ ଡାଲି ଯୋଗାଇ ଦିଆଯାଇଛି । ମୋଟ ୪୪ ହଜାର ୧୩୦ ଟନ୍ ଡାଲି ଓଡିଶାକୁ ଯୋଗାଇ ଦିଆଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ମାଗଣାରେ ୩ଟି ଏଲପିଜି ସିଲିଣ୍ଡରର ବ୍ୟବସ୍ଥା ହୋଇଥିବା ବେଳେ ଓଡ଼ିଶାକୁ ୪୪୦ କୋଟି ଟଙ୍କା ବ୍ୟୟରେ ୬୮.୭୯ ଲକ୍ଷ ଏଲପିଜି ସିଲିଣ୍ଡର ଦିଆଯାଇଛି । ଜନଧନ ଆକାଉଣ୍ଟଧାରୀ ମହିଳାଙ୍କ ପାଇଁ ୧୫୦୦ ଟଙ୍କାର ବ୍ୟବସ୍ଥା ଥିବା ବେଳେ ଓଡ଼ିଶାର ୮୫.୨୦ ଲକ୍ଷ ହିତାଧିକାରୀ ଏହାର ଲାଭ ପାଇଛନ୍ତି । ଓଡ଼ିଶା ପାଇଁ ମୋଟ ୧୨୫୮.୦୨ କୋଟି ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି । ଜାତୀୟ ସାମାଜିକ ସୁରକ୍ଷା ଭତ୍ତା (ଏନଏସଏପି)ର ଯୋଜନାରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ବିଧବାଙ୍କ ପାଇଁ ୧ ହଜାର ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ ରାଜ୍ୟରେ ଥିବା ୨୦.୨୭ ଲକ୍ଷ ହିତାଧିକାରୀଙ୍କୁ ୨୦୨.୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ କିଷାନ(କୃଷକ ସମ୍ମାନ ନିଧି)



ଯୋଜନାରେ ରାଜ୍ୟର ୨୦.୩ ଲକ୍ଷ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହି ଯୋଜନାରେ ଓଡ଼ିଶାର ଚାଷୀଙ୍କୁ ମୋଟ ୪୦୦.୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି । କରୋନା ସମୟରେ ଓଡ଼ିଶାର ୨୦.୮୩ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ କୋଠା ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ମୁଣ୍ଡ ପିଛା ୧୫୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମୋଟ ୩୧୨.୪୯ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶାରେ ୧.୫୪ ଲକ୍ଷ ଇପିଏଫଓ ଆକାଉଣ୍ଟଧାରୀଙ୍କୁ ଇ-ଚାଲାଣ କମ୍ ରସିଦ୍ ଆକାରରେ ୫୯.୦୭ କୋଟି ଦିଆଯାଇଛି । ୪୦,୬୬୬ ଇପିଏଫଓ ହିତାଧିକାରୀ ୮୭.୭୧ କୋଟି ଟଙ୍କା ଇପିଏଫଓ ଆକାଉଣ୍ଟରୁ ଟଙ୍କା ଉଠାଇଛନ୍ତି । ୧.୬୨ ଲକ୍ଷ ହିତାଧିକାରୀଙ୍କ ପାଇଁ ୨୪ ପ୍ରତିଶତ ଇପିଏଫ୍ ଭାରତ ସରକାର ଦେଇଛନ୍ତି । ଓଡ଼ିଶା ପାଇଁ ୧୦୧.୪୮ କୋଟି ଟଙ୍କା ସରକାର ଦେଇଛନ୍ତି । ସେହିପରି ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ଜିଏସଟି କ୍ଷତିପୂରଣ ସ୍ୱରୂପ ୫ ହଜାର ୧୨୨ କୋଟି ଟଙ୍କା ଦିଆଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଜିଏସଟି କ୍ଷତିପୂରଣ ସ୍ୱରୂପ ଓଡ଼ିଶାକୁ ୨ ହଜାର ୨୫୮ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ୧୧୨୯ କୋଟି ଟଙ୍କା ଦିଆଯାଇଛି । ଜିଏସଟି କ୍ଷତିପୂରଣ ବାବଦରେ ରାଜ୍ୟ ମୋଟ ଘରୋଇ ଉତ୍ପାଦର(ଜିଏସଡ଼ିପି)ର ୦.୫ ପ୍ରତିଶତ ମୂଲ୍ୟ ସମାନ ଅତିରିକ୍ତ ୨,୮୫୮ କୋଟି ଋଣ ନେବା ପାଇଁ ଓଡ଼ିଶାକୁ ଅନୁମତି ଦିଆଯାଇଛି । ଓଡ଼ିଶାକୁ ଆଶ୍ରୟ ସ୍ଥଳ ଏବଂ ୩ ଓଳା ଖାଇବା ପାଇଁ କେନ୍ଦ୍ର ସରକାର ଏସଡ଼ିଆରଏଫ ପାଣ୍ଠିରୁ ୨ ହଜାର ୧୩୯ କୋଟି ଅଗ୍ରୀମ ରାଶି ଜାରୀ କରାଯାଇଛି । ତନ୍ମଧ୍ୟରୁ ପ୍ରଥମ କିସ୍ତିରେ ୮୦୨ କୋଟି ଟଙ୍କା ଓଡ଼ିଶାକୁ ପ୍ରଦାନ କରାଯାଇଛି । ଓଡ଼ିଶାର ନନ୍ ମିଲିୟନ ପ୍ଲସ ସିଟିକୁ ପ୍ରଥମ କିସ୍ତିରେ ମୌଳିକ ଅନୁଦାନ ଆକାରରେ ୨୭୧.୭୫ କୋଟି ଟଙ୍କା ଦିଆଯାଇଛି । ବିନିଯୋଗ କରିବା ପାଇଁ ଡ଼ିଏମଏଫ ପାଣ୍ଠିରୁ ୨ ହଜାର ୧୨ କୋଟି ମଞ୍ଜୁର ଦିଆଯାଇଥିବା ବେଳେ ୬୪.୫ କୋଟି ଟଙ୍କା କରୋନା ମୁକାବିଲା ପାଇଁ ଖର୍ଚ୍ଚ ହୋଇଛି । ଏନଡିଆରଏଫ ପାଣ୍ଠିରୁ ୧୭୯.୬୪ କୋଟି ଜାରୀ କରାଯାଇଛି । ୨୦୨୦ ମଇ ମାସରେ ହୋଇଥିବା ଅମ୍ଫନ ବାତ୍ୟା ପାଇଁ ୫୦୦ କୋଟି ଟଙ୍କା ଦିଆଯାଇଛି । ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ଲକ୍ ଡ଼ାଉନ ସମୟରେ ଓଡ଼ିଶା ବିଦ୍ୟୁତ୍ ବିତରଣ ସଂସ୍ଥା(ଡ଼ିସକମ୍)କୁ ବିଜୁଳି କିଣିବା ପାଇଁ ୮୪.୯୩ କୋଟିର ରିହାତି ପ୍ରଦାନ କରାଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଜଳ ଜୀବନ ମିଶନ ଅଧୀନରେ ଓଡ଼ିଶା ପାଇଁ ୮୧୨ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା ଅଧୀନରେ ଓଡ଼ିଶାର ଚିହ୍ନଟ ହୋଇଥିବା ୬୩,୨୨୨ ସହରାଂଚଳର ଉଠା ଦୋକାନୀଙ୍କ ପାଇଁ ୮.୨ କୋଟି ମଞ୍ଜୁର କରାଯାଇଛି ।

**ବିଜେଡି ପ୍ରାର୍ଥୀଙ୍କ ଆଚରଣବିଧି ଉଲ୍ଲଘଂନ**

# ବିଜେପିର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର :** ତିର୍ତୋଲ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସମୟରେ ଶାସକ ବିଜେଡି ଦଳର ପ୍ରାର୍ଥୀ ବିଜୟ ଶଙ୍କର ଦାସ ଜିଲ୍ଲା ନିର୍ବାଚନ ଅଫିସ ଆଗରେ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଭାବେ ଉଲ୍ଲଘଂନ କରିଛନ୍ତି । ମୁଖ୍ୟ ନିର୍ବାଚନ ଆୟୋଗ କରୋନା ପାଇଁ ଏକ ଗାଇଡଲାଇନ ପ୍ରସ୍ତୁତ କରିଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ ସେ ନିୟମକୁ ଅଣଦେଖା କରିଛନ୍ତି । ଅନ୍ୟପଟେ ତିର୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀରେ ଶାସକ ଦଳ ମନ୍ତ୍ରୀ ପ୍ରତାପ ଜେନା, ସାଂସଦ ରାଜଶ୍ରୀ ମଲ୍ଲିକ ଏବଂ ବିଜେଡି ନେତା ଦେବାଶିଷ ସାମନ୍ତରାୟ କୋଭିଡ ନିୟମକୁ ଉଲ୍ଲଘଂନ କରିଛନ୍ତି । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଅକ୍ଟୋବର ୧୬ ତାରିଖ ଦିନ ନାମାଙ୍କନ ପତ୍ର ଦାଖଲ ସମୟରେ ବିଜେଡି ପ୍ରାର୍ଥୀ ବିଭିନ୍ନ ବସ୍ ଓ କାର୍ ରେ ନିଜ ସମର୍ଥକଙ୍କୁ ଆଣିବା ସହ ଶହ ଶହ ବିଜେଡି କର୍ମୀ ବାଇକ ରାଲି କରି କରୋନା ନିୟମକୁ ଉଲ୍ଲଘଂନ କରିଥିଲେ । ଏଭଳି ବେନିୟମ କାର୍ଯ୍ୟ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଆଗରେ ହୋଇଥିଲେ ବି ଏଯାବତ୍ ନିୟମ ଉଲ୍ଲଘଂନକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସେହିପରି ଅକ୍ଟୋବର ୧୫ ତାରିଖ ଦିନ ବିଜେଡି କର୍ମୀ ସମ୍ମିଳନୀରେ ବିଜେଡି ସାଂସଦ, ମନ୍ତ୍ରୀ, ନେତା ଓ କର୍ମୀମାନେ ସାମାଜିକ ଦୂରତା ପାଳନ ନକରିବା ଏବଂ ମାସ୍କ ପରିଧାନ ନକରି କୋଭିଡ ଗାଇଡଲାଇନକୁ ଉଲ୍ଲଘଂନ କରିଥିଲେ । ଏହି ବୈଠକକୁ ଯିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ସରକାରୀ ଗାଡି ବ୍ୟବହାର କରିବା ସହ ଅନ୍ୟ ବିଜେଡି ନେତାମାନେ ଦଳୀୟ କର୍ମୀମାନଙ୍କୁ ଟଙ୍କା ବାଂଟିଥିଲେ ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଘଂନ କରିଛି । ଏହି ଘଟଣାରେ ନିରପେକ୍ଷ ତଦନ୍ତ କରାଯାଇ ବିଜେଡି ପ୍ରାର୍ଥୀ, ସାଂସଦ, ମନ୍ତ୍ରୀ ଏବଂ ନେତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ସହ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧୀ ଦଳ ଦାବୀ କରିଛି । ପ୍ରତିନିଧୀ ଦଳ କୋଭିଡ ନିୟମ ଏବଂ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିଥିବା ସମ୍ବଳିତ ଫଟୋ ଓ ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରି ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଦାବୀ କରିଛି । ସମସ୍ତ ଅଭିଯୋଗକୁ ଅତିରିକ୍ତ ନିର୍ବାଚନ ଅଧିକାରୀ ଶୁଣିବା ପରେ ୭୨ ଘଂଟା ଭିତରେ ଶାସକ ଦଳକୁ କାରଣ ଦର୍ଶାଅ ନୋଟିସ ପଠାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧୀ ଦଳ ଆଗରେ ପ୍ରତିଶୃତି ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଲିଗାଲ୍ କୋଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

# ମାର୍ଚ୍ଚ ସୁଦ୍ଧା ସୌରଶକ୍ତି ଆଲୋକରେ ଝଲସିବ କୋଣାର୍କ

**ଭୁବନେଶ୍ୱର :** ସ୍ଥାପତ୍ୟକଳାର ଶ୍ରେଷ୍ଠ ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୌରଶକ୍ତି ଆଲୋକରେ ଝଲସିବ । ଶୁକ୍ରବାର ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଛି । ୨୦୨୧ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଣାର୍କ ଐତିହ୍ୟ ଓ ବୈଷୟିକ ଜ୍ଞାନର ଏକ ଅନୋଖା ଯୁଗଳବନ୍ଦୀ ଭାବେ ବିଶ୍ୱକୁ ପ୍ରଦର୍ଶିତ କରିପାରିବ ବୋଲି ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କହିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ସ୍ୱଚ୍ଛ ସବୁଜ ବିଦ୍ୟୁତ୍ ଯୋଗାଣ ବିଷୟ ଆଲୋଚନା କରିବା ଆମ ପାଇଁ ଏକ ପବିତ୍ର ଅବସର ଆଣିଦେଇଛି ବୋଲି ସେ ଉଲ୍ଲେଖ କରିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କୋଣାର୍କ ପାଇଁ ଆବଶ୍ୟକ ସୌରଶକ୍ତି କଳାହାଣ୍ଡିଠାରେ ଉତ୍ପାଦିତ ହେବ, ଯେହେତୁ ପଶ୍ଚିମ ଓଡ଼ିଶାରେ ମାତ୍ରାଧିକ ସୌରରଶ୍ମି ବିକିରଣ ହୋଇଥାଏ । କଳାହାଣ୍ଡିରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିକୁ ପୁରୀ ଶ୍ରୀମନ୍ଦିରକୁ ଯୋଗାଯାଉଥିବା ବେଳେ କୋଣାର୍କ ନିମନ୍ତେ ସୌରଶକ୍ତି ଉତ୍ପାଦନ କରିବା କଳାହାଣ୍ଡି ଜିଲ୍ଲା ପାଇଁ ଅନ୍ୟ ଏକ ଗୌରବର ବିଷୟ ବୋଲି ସେ ମତ ଦେଇଥିଲେ । ଓରେଡ଼ା ଦ୍ୱାରା କରାଯାଉଥିବା ଏକ ବହୁ ପ୍ରତିକ୍ଷୀତ ପ୍ରକଳ୍ପ ସୂର୍ଯ୍ୟମନ୍ଦିର ସମେତ କୋଣାର୍କ ଅଧିସୂଚିତ କ୍ଷେତ୍ର ପରିଷଦ ସହରାଞ୍ଚଳକୁ ମଧ ଏହି ସ୍ୱଚ୍ଛ ଓ ସବୁଜ ଶକ୍ତି ଯୋଗାଇ ଦିଆଯିବ । ସମଗ୍ର କୋଣାର୍କ ଐତିହ୍ୟ ସହରକୁ କାର୍ବନ ମୁକ୍ତ ସହର ଭାବେ ପରିଣତ କରିବା ନିମନ୍ତେ ଏହି ପ୍ରକଳ୍ପ ଅଭିପ୍ରେତ । ଏଥି ସହିତ କୋଣାର୍କବାସୀଙ୍କୁ ଛାତ ଉପର ସୌରଶକ୍ତି ବ୍ୟବସ୍ଥା, ସୋଲାର ପାଣିପମ୍ପ, ସୋଲାର ପାଣିଗରମ, ଇ-ବାଇକ୍, ଇ-କାର୍ ଇତ୍ୟାଦି ପାଇଁ ପ୍ରବର୍ତ୍ତାଯିବାକୁ ପଦକ୍ଷେପ ନିଆଯାଉଛି ।

# କମିଶନରେଟ୍ ପୋଲିସର ନୂଆ କାର୍ଯ୍ୟକ୍ରମ ‘ଦାଦାବଟିକୁ ନା’

**ଭୁବନେଶ୍ୱର :** ଦାଦାବଟି ରୋକିବା ପାଇଁ କମିଶନରେଟ୍ ପୋଲିସର ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ଏକ ଆଣ୍ଟି ଏକ୍ସକର୍ଷନ ଟାକ୍ସ ଫୋର୍ସ ଗଠନ ହୋଇଛି । ଦାଦାବଟି ମୁକ୍ତ ହେବ ଦ୍ୱୈତ ନଗରୀ । କଟକ-ଭୁବନେଶ୍ୱରକୁ ଦାଦାବଟି ମୁକ୍ତ କରିବା ପାଇଁ ‘ଦାଦାବଟିକୁ ନା’ ନାମରେ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରି କମିଶନରେଟ୍ ପୋଲିସ । ଏନେଇ ସୂଚନା ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ । ସେ କହିଛନ୍ତି ଯେ, ଦ୍ୱୈତ ନଗରୀରେ ଦାଦାବଟି ଆଦାୟକୁ ପ୍ରଶୟ ଦିଆଯିବ ନାହିଁ । ଏହାକୁ ବନ୍ଦ କରିବା ପାଇଁ ଏକ ହେଲ୍ପ ଲାଇନ ନମ୍ବର ଜାରି କରାଯିବ । ଏହି ନମ୍ବରରେ ଲୋକେ ପୋଲିସକୁ ଗୋପନରେ ସୂଚନା ଦେଇପାରିବେ । ଯେଉଁ ଲୋକ ସୂଚନା ଦେବେ ସେମାନଙ୍କ ନାମ ଗୋପନ ରଖାଯିବା ସହ ପୁରସ୍କୃତ କରାଯିବ । ସୂଚନା ପାଇବା ପରେ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ଆବଶ୍ୟକ ପଡିଲେ ସେମାନଙ୍କୁ ତଡିପାର କରାଯିବ । ଦାଦାବଟି ରୋକିବା ପାଇଁ ପ୍ରତି ୧୫ ଦିନରେ ଥାନା ସ୍ତରରେ ଓ ଡିସିପିଙ୍କ ସ୍ତରରେ ବୈଠକ ହେବ । ଏହି ବୈଠକରେ କାର୍ଯ୍ୟକ୍ରମର ସମୀକ୍ଷା ହେବ । ତେବେ ଏଥିପାଇଁ ଲୋକମାନେ ବିଶେଷକରି ବିଲଡର, ଠିକାଦାର ଓ




ଉଠାଦୋକାନୀଙ୍କୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ପୋଲିସ କମିଶନର । ଅନେକ ସମୟରେ କଣ୍ଟ୍ରାକ୍ଟର, ବ୍ୟବସାୟୀ, ବିଲଡର, ମାଛ ବେପାରୀ, ଉଠା ଦୋକାନୀ ଇତ୍ୟାଦିଙ୍କ ଠାରୁ ସେହି ଅଞ୍ଚଳର ଦାଦାମାନେ ଦାଦାବଟି ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଥାଏ । କୌଣସି ପର୍ବପର୍ବାଣୀ ହେଲେ ଦୋକାନୀ ବା ବ୍ୟବସାୟୀଙ୍କ ଠାରୁ ଦାଦାବଟି ମାଗି ସେମାନଙ୍କୁ ଶୋଷଣ କରାଯାଇଥାଏ । ଲୋକେ ଆକ୍ରମଣ ଭୟରେ ଦାଦାବଟି ଦେଇଥାନ୍ତି । ଏବେ ଲୋକଙ୍କ ସେହି ସମସ୍ୟା ଦୂର କରିବା ପାଇଁ କମିଶନରେଟ୍ ପୋଲିସ ଦାଦାବଯିକୁ ନାଁ ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମ ଜରିଆରେ ଲୋକେ ଦାଦାବଟି ମାଗୁଥିବା ଲୋକଙ୍କ ନାଁରେ ଅଭିଯୋଗ କରି ପୁରସ୍କାର ଜିତି ପାରିବେ । ସେହିଭଳି ବଟି ଆଦାୟ ମାମଲାରେ ଜଡିତ ଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ଥାନା ଅଧିକାରୀ ପ୍ରସ୍ତୁତ କରିବେ । ଏବେ ଏମାନେ କ’ଣ କରୁଛନ୍ତି, କିଏ କେଉଁଠାରେ କାର୍ଯ୍ୟରତ ଅଛନ୍ତି ସେନେଇ ଖୋଳତାଡ ଆରମ୍ଭ ହେବ ।

# ଦକ୍ଷତା ବୃଦ୍ଧି ପାଇଁ ୨୦୫ କୋଟି

**ଭୁବନେଶ୍ୱର :** ବିପର୍ଯ୍ୟୟ ପରିଚାଳନାରେ ଆନ୍ତର୍ଜାତିକ ସ୍ୱୀକୃତି ଲାଭ କଲାପରେ ଏ କ୍ଷେତ୍ରରେ ରାଜ୍ୟର ଦକ୍ଷତା ଅଭିବୃଦ୍ଧିରେ ନୂତନ ପ୍ରଯୁକ୍ତି କୌଶଳ ଓ ଯନ୍ତ୍ରପାତି ପ୍ରୟୋଗ ନିମନ୍ତେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ତ୍ରିପାଠୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ଏ ସମ୍ବନ୍ଧୀୟ ଆର୍ଥିକ ଓ ବୈଷୟିକ ବିଷୟ ଆଲୋଚନା ଲାଗି ଉପସ୍ଥାପନ କରିଥିଲେ । ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ପୁନଃପୌନିକତା ଏବଂ ତୀବ୍ରତା ସହ ସମ୍ଭାବ୍ୟ ରାସାୟନିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତିର ଆବଶ୍ୟକତା ବିଚାର କରି ଶ୍ରୀ ତ୍ରିପାଠୀ ରାଜ୍ୟର ବିପର୍ଯ୍ୟୟ ମୁକାବିଲା ସଂସ୍ଥାଗୁଡିକୁ ଅଧିକ ସଶକ୍ତ ଓ ଦକ୍ଷ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏଥିପାଇଁ ନୂତନ ବୈଷୟିକ ଜ୍ଞାନ କୌଶଳ ଓ ଯନ୍ତ୍ରପାତିର ପ୍ରୟୋଗ ଉପରେ ବୈଠକରେ ଉପସ୍ଥିତ ସଦସ୍ୟମାନେ ଗୁରୁତ୍ୱ ଆରୋପ କରିଥିଲେ । ଚଳିତ ଆର୍ଥିକ ବର୍ଷ ପାଇଁ ଓଡ୍ରାଫ୍, ଫାୟାର୍ସ ସର୍ଭିସ୍ ଓ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରତିଷ୍ଠାନ ଆଦିରୁ ବୈଷୟିକ ଯନ୍ତ୍ରପାତି ବାବଦରେ ମିଳିଥିବା ପ୍ରାୟ ୫୫.୨୨ କୋଟି ଟଙ୍କାର ପ୍ରସ୍ତାବ ବୈଠକରେ ଅନୁମୋଦିତ ହୋଇଥିଲା । ଏହାସହ ଚଳିତ ଆର୍ଥିକ ବର୍ଷରେ ଦକ୍ଷତା ବୃଦ୍ଧି ଓ ବୈଷୟିକ ଯନ୍ତ୍ରପାତି ବାବଦରେ ମଞ୍ଜୁର ପରିମାଣ ୨୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଓଡ଼ିଶାର ଓଡ୍ରାଫ୍ ଏବଂ ଫାୟାର ଟିମ୍‌ଗୁଡ଼ିକ ପଡ଼ୋଶୀ ରାଜ୍ୟମାନଙ୍କରେ ଲଗାତାର ଭାବେ ଉଚ୍ଚମାନର ସେବା ପ୍ରଦାନ ବଜାୟ ରଖି ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବାରୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ନୂତନ ଯନ୍ତ୍ରପାତି କ୍ରୟ ପ୍ରସ୍ତାବ ମଞ୍ଜୁର କଲାବେଳେ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ନିର୍ଦ୍ଦେଶ ଦେଇଥିଲେ । ଫାୟାର ସର୍ଭିସ୍ ୟୁନିଟ୍‌ର କାର୍ଯ୍ୟ ପରିସରକୁ ଅଧିକ ସମ୍ପ୍ରସାରିତ କରି ସେମାନଙ୍କୁ ବହୁମୁଖୀ ବିପର୍ଯ୍ୟୟର ପ୍ରଥମ ସାହାଯ୍ୟକାରୀ ଭାବେ ଗଢ଼ି ତୋଳିବାକୁ ଶ୍ରୀ ତ୍ରିପାଠୀ ଗୃହ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜେନା କହିଥିଲେ ଯେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ଅନୁସନ୍ଧାନ, ଉଦ୍ଧାର, ଜୀବନ ରକ୍ଷାକାରୀ ଯନ୍ତ୍ରପାତି ଓ ଦକ୍ଷତା ବୃଦ୍ଧି ବାବଦରେ ସମୁଦାୟ ୨୦୫.୨୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥ ବିନିଯୋଗରେ ଓଡ୍ରାଫ୍, ଫାୟାରସର୍ଭିସ୍ ଏବଂ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରତିଷ୍ଠାନଙ୍କୁ ଅଧିକ ବୈଷୟିକ ସମ୍ପନ୍ନ ଓ ଦକ୍ଷ କରାଯାଉଛି । ରାଜ୍ୟରେ କାର୍ଯ୍ୟ କରୁଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଓ ମରାମତି ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟର ୨୫ ଟି ଜିଲ୍ଲାରେ ଥିବା ୮୧୪ ଟି ଆଶ୍ରୟ କ୍ଷେତ୍ର ଅନୁଧ୍ୟାନ କରାଯାଇ ଆବଶ୍ୟକ ପଡୁଥିବା ୭୯୫ ଟି ଆଶ୍ରୟସ୍ଥଳୀରେ ମରାମତି କାର୍ଯ୍ୟ ସରିଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ । ଏ ବାବଦରେ ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୪୫ କୋଟି ଟଙ୍କା ବିନିଯୋଗ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସମେତ ସମ୍ପୃକ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ପାର୍ବଣରେ ଅଧିକ ସତର୍କ ରୁହ: ବିଏମ୍‌ସି

**ଭୁବନେଶ୍ୱର :** ଭୁବନେଶ୍ୱରରେ କରୋନା ସଂକ୍ରମଣ ତଳମୁହାଁ ହୋଇଛି । ଦୈନିକ ପଜିଟିଭ୍ ସଂଖ୍ୟା ଅଢ଼େଇ ଶହରୁ କମ୍ ରହୁଛି । ହେଲେ ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଲୋକେ ଅଧିକ ସର୍ତକ ନହେଲେ ପୁଣି ସଂକ୍ରମଣ ବଢ଼ିପାରେ ବୋଲି ବିଏମ୍‌ସି କମିସନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି । ସେ କହିଛନ୍ତି ଯେ ଏବେ ୭୫ ପ୍ରତିଶତ ଆକ୍ରାନ୍ତ ହୋମ୍ ଆଇସୋଲେସନ୍‌ରେ ରହି ଚିକିତ୍ସିତ ହେଉଛନ୍ତି । ଆକ୍ରାନ୍ତଙ୍କ ସଂଖ୍ୟା କମିବା ଏବଂ ଅଧିକ ସଂଖ୍ୟକ ପଜିଟିଭ୍ ବ୍ୟକ୍ତି ଘରେ ରହି ଚିକିତ୍ସିତ ହେଉଥିବାରୁ କୋଭିଡ୍ ହସ୍ପିଟାଲରେ ଶଯ୍ୟା ଖାଲି ହେବାରେ ଲାଗିଛି । ପାଖାପାଖି ଅଧା ଶଯ୍ୟା ଖାଲି ପଡ଼ିଛି । ସରକାରଙ୍କ ନିର୍ଦ୍ଦେଶାନାମା ଅନୁଯାୟୀ ଭୁବନେଶ୍ୱରରେ ୧୮ଟି ଘରୋଇ ହସ୍ପିଟାଲ୍‌ରେ ମଧ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ଶଯ୍ୟା ସଂରକ୍ଷିତ ରହିଛି । ଗାଇଡ୍‌ଲାଇନ୍ ଅନୁସାରେ ଭୁବନେଶ୍ୱରରେ ୭୧୨ ଆକ୍ରାନ୍ତଙ୍କୁ ଫାବିପିରାଭିର୍ ଔଷଧ ଦିଆଯାଇଛି । ଯେଉଁ ଆକ୍ରାନ୍ତଙ୍କର କମ୍ ଲକ୍ଷଣ ରହିଛି, ସେମାନଙ୍କୁ ଏହି ଔଷଧ ଦିଆଯାଉଛି । ଏଥିପାଇଁ ସ୍ୱତନ୍ତ୍ର ଆର୍‌ଆର୍‌ଟି ଗଠିତ ହୋଇଛି । ପ୍ରତି ୭-୮ଟି ଟିମ୍ ସହିତ ଜଣେ ଲେଖାଏଁ ଏମ୍‌ବିବିଏସ୍ ଡାକ୍ତର ମଧ୍ୟ ଆକ୍ରାନ୍ତଙ୍କ ଘରକୁ ଗସ୍ତ କରୁଛନ୍ତି । ଯାଞ୍ଚ ପରେ ଯେଉଁ ଆକ୍ରାନ୍ତଙ୍କର ଫାବିପିରାଭିର୍ ଆବଶ୍ୟକ ପଡୁଛି ସେମାନଙ୍କୁ ଏହା ଦିଆଯାଉଛି । ଏହି ଟିମ୍ ଆଇସୋଲେସନ୍‌ରେ ଥିବା ଆକ୍ରାନ୍ତଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରି ଔଷଧ ଦେଉଛନ୍ତି । ଔଷଧ ସେବନର ପ୍ରଣାଳୀ ଓ ସ୍ୱାସ୍ଥ୍ୟର ଅଗ୍ରଗତି ସମ୍ପର୍କରେ ସେମାନଙ୍କୁ ପଚାରି ବୁଝୁଛନ୍ତି ବୋଲି କମିସନର କହିଛନ୍ତି । ଦୁର୍ଗାପୂଜା ସମୟରେ ଷଷ୍ଠୀ ଓ ସପ୍ତମୀ ତିଥିରେ ବଜାରରେ ପ୍ରବଳ ଭିଡ଼ ରହୁଥିବାରୁ ବାହାରକୁ ଯିବା ପୂର୍ବରୁ ସତର୍କ ରହିବାକୁ ସେ କହିଛନ୍ତି । ସେହିପରି ପୂଜା ପାଇଁ ସପିଂ କମ୍ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ‘ସାମାନ୍ୟ ଢିଲାପଣ ଆଣିପାରେ ବଡ ବିପଦ’

**ଭୁବନେଶ୍ୱର :** କୋଭିଡ୍ ପରିଚାଳନାରେ ଓଡ଼ିଶା କ୍ରମାଗତଭାବେ ଭଲ ପ୍ରଦର୍ଶନ କରିଆସୁଛି । ସମସ୍ତ ସୂଚକାଙ୍କ ଜାତୀୟ ହାରଠାରୁ ଭଲ ରହିଛି । ଅଧିକାଂଶ ଜିଲ୍ଲାରେ ନୂଆ ସଂକ୍ରମଣ କମୁଛି । କଟକ, ଖୋର୍ଦ୍ଧା ଓ ପୁରୀ ପରି ଅଧିକ ସଂକ୍ରମଣ ଥିବା ଜିଲ୍ଲା ଗୁଡିକରେ ମଧ ପରିସ୍ଥିତିର ଉନ୍ନତି ଆସିଛି । ଆଗକୁ ପୂଜା ଋତୁ ଆସୁଥିବାରୁ ଏବଂ ତା’ ପରେ ପରେ ଶୀତ ଋତୁର ପ୍ରଭାବ ଆସୁଥିବାରୁ ପ୍ରଶାସନକୁ ସମ୍ପୂର୍ଣ୍ଣ ଭାବେ ସତର୍କ ରହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ କୋଭିଡ୍ ନିୟମାମଳୀକୁ ଦୃଢ଼ ଭାବରେ କାର୍ଯ୍ୟକାରୀ କରିବାକୁ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋଭିଡ୍ ପରିଚାଳନାର ସମୀକ୍ଷା କରି ବରିଷ୍ଠ ଅଧିକାରୀ ମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେରଳ କୋଭିଡ୍ ପରିଚାଳନାରେ ଅତି ଭଲ ପ୍ରଦର୍ଶନ କରିଆସୁଥିଲା । କିନ୍ତୁ ଓନାମ ଉତ୍ସବ ପରେ ସବୁକିଛି ବଦଳି ଯାଇଛି । ସଂକ୍ରମଣ ବହୁ ପରିମାଣରେ ବଢ଼ିଯାଇଛି । ଇଉରୋପର ଦେଶ ଗୁଡିକରେ ମଧ ସଂକ୍ରମଣର ଦ୍ୱିତୀୟ ତରଙ୍ଗ ଦେଖାଦେଇଛି । ତେଣୁ ସାମାନ୍ୟ ଢିଲା ପଣ ଆସିଲେ, ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି । ସେଥିପାଇଁ ପ୍ରଶାସନ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ସତର୍କ ରହି ଲୋକଙ୍କୁ ସଚେତନ କରିବା ଏବଂ ସବୁ ନିୟମର ଦୃଢ଼ ଅନୁପାଳନ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶା ବର୍ତ୍ତମାନ ପୁଞ୍ଜି ବିନିଯୋଗର ଏକ ଆକର୍ଷଣୀୟ କ୍ଷେତ୍ର ହୋଇପାରିଛି । ତେଣୁ ବୃହତ ଶିଳ୍ପ ହେଉ, କିମ୍ବା ମଧ୍ୟମ ବା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉ - ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ସବୁ ସ୍ତରରେ ସହଯୋଗ ଯୋଗାଇ ଦେଇ ଠିକ୍ ସମୟରେ ପ୍ରକଳ୍ପ ଯେପରି କାର୍ଯ୍ୟକାରୀ ହେବ ଏବଂ ପୁଞ୍ଜି ବିନିଯୋଗର ଲାଭ ଯେପରି ଲୋକମାନେ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ନରେଗା, ମିଶନ ଶକ୍ତି ଓ ଜୀବିକା



ମିଶନ ଆଦି ଜୀବିକା କାର୍ଯ୍ୟକ୍ରମ ଗୁଡିକୁ ମଧ ଉପଯୁକ୍ତ ପ୍ରାଧାନ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ, ଖଣି, ନିର୍ମାଣ, ସେବା, ପରିବହନ ଆଦି ସବୁ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ କ୍ଷେତ୍ରରେ କୌଣସି ବାଧାକୁ ବରଦାସ୍ତ କରାଯିବ ନାହିଁ । ଯେକୌଣସି ଅର୍ଥନୈତିକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରାଗଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ରାଜ୍ୟରେ ସଂକ୍ରମଣ ହ୍ରାସ ଘଟୁଛି । ତେଣୁ ବର୍ତ୍ତମାନ ଡାକ୍ତରଖାନା ଉପରେ ଚାପ ମଧ ହ୍ରାସ ପାଇଛି । ଫାଭିପିରଭିରି ଭଲ କାମ ଦେଉଛି ଓ ଏହାର ବ୍ୟବହାର ରୋଗୀଙ୍କ ଦ୍ୱାରା ଗ୍ରହଣୀୟ ହେଉଛି ବୋଲି ସେ କହିଥିଲେ । ସେହିପରି କୋଭିଡ୍ ପରୀକ୍ଷା ରିପୋର୍ଟ ଯେପରି ଶୀଘ୍ର ମିଳିପାରିବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର କହିଥିଲେ ଯେ, କଟକ, ଖୋର୍ଦ୍ଧା ଓ ପୁରୀରେ ସଂକ୍ରମଣ କମୁଛି । ରାଜ୍ୟରେ ଆରୋଗ୍ୟହାର ୯୧%ରେ ପହଞ୍ଚିଛି ଏବଂ ଓଡ଼ିଶା ଏ କ୍ଷେତ୍ରରେ ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି । ରାଜ୍ୟରେ ବର୍ତ୍ତମାନ ୨୫୪୨୮ ସକ୍ରିୟ କେସ୍ ଥିବା ବେଳେ ୧୯୧୩୧ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି । କୋଭିଡ୍ ଡାକ୍ତରଖାନା ଶଯ୍ୟା, ଆଇସିୟୁ ଓ ଭେଣ୍ଟିଲେଟର ଆଦି ସବୁ କ୍ଷେତ୍ରରେ ରାଜ୍ୟ ବର୍ତ୍ତମାନ ସନ୍ତୋଷଜନକ ସ୍ଥିତିରେ ରହିଛି । ବର୍ତ୍ତମାନ ୨୦ ରୁ ୪୦% ଆଇସିୟୁ ଖାଲି ରହୁଛି ବୋଲି ସେ ସୂଚନା ଦେଇଥିଲେ । ସେହିପରି ରାଜ୍ୟରେ ଅକ୍ସିଜେନ୍‌ର ଅଭାବ ନାହିଁ ବୋଲି ପ୍ରକାଶ କରି ଭୁବନେଶ୍ୱରରେ ଆଜିଠାରୁ ସେରୋ ସର୍ଭେ ଆରମ୍ଭ କରାଗଲା ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । କୋଭିଡ୍ ଗାଇଡଲାଇନ୍ସ ଅନୁପାଳନ ପାଇଁ ପୋଲିସ ନେଇଥିବା ପଦକ୍ଷେପ ସମ୍ପର୍କରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସୂଚନା ଦେଇଥିଲେ । ପୋଲିସ ଓ ଅଗ୍ନିଶମ ସେବା କର୍ମଚାରୀ ବର୍ତ୍ତମାନ ସୁଦ୍ଧା ୪୦୦ ୟୁନିଟ୍ ପ୍ଲାଜମା ଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପାର୍ବଣ ଓ ଶୀତ ଋତୁକୁ ଦୃଷ୍ଟିରେ ରଖି ସମସ୍ତ କୋଭିଡ୍ ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ଦୃଢ଼ ଭାବରେ ମନିଟିରିଂ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ସେହିପରି ମୋ ସରକାର କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀମାନେ କୋଭିଡ୍ ହସ୍ପିଟାଲ ଓ ଗୃହ ସଙ୍ଗରୋଧରେ ଥିବା ରୋଗୀ ମାନଙ୍କ ଠାରୁ ପାଇଥିବା ମତାମତ ଭିତ୍ତିରେ ଭବିଷ୍ୟତ ପଦକ୍ଷେପ ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଅକ୍ଟୋବର, ୨୦୨୦

# କାହାର ଲାଭ, କାହାର କ୍ଷତି

ଉପନିର୍ବାଚନକୁ ନେଇ ବାଲେଶ୍ୱର ଓ ତିର୍ତ୍ତୋଲ ଖୁବ ଚଳଚଞ୍ଚଳ ରହିବା ସ୍ୱାଭାବିକ ହେଲେ ଏହି ନିର୍ବାଚନରେ ପ୍ରାର୍ଥୀ ଚୂଡ଼ାନ୍ତ ହେବାକୁ ନେଇ ଉତ୍କଣ୍ଠା ବେଶୀ। ଉଭୟ ଆସନରେ ଦୁଇଜଣ ଦିବଂଗତ ନେତାଙ୍କ ପୁଅ ଟିକଟ ପାଇଛନ୍ତି। ଏପଟେ ବଂଶବାଦ ରାଜନୀତି ବିଷୟ ସବୁବେଳେ ଚର୍ଚ୍ଚାରେ ଥିଲା ବେଳେ କେବଳ କଂଗ୍ରେସ ଦଳ ଯେ ଏହା ଉପରେ ପୂର୍ଣ୍ଣ ନିର୍ଭରଶୀଳ ବୋଲି କହିବା କେତେ ଯଥାଥ ତାହା ହିଁ ପ୍ରସଙ୍ଗ। ସ୍ୱାଧୀନତାର ୭୩ ବର୍ଷ ହେଲା ଦେଶରେ ଗାନ୍ଧୀ ପରିବାର ହାତରେ କଂଗ୍ରେସ ରହିବାକୁ ନେଇ ଅନେକ ଆଲୋଚନା ଓ ସମାଲୋଚନା ହୁଏ। କିନ୍ତୁ ଅନ୍ୟ ରାଜନୈତିକ ଦଳର କାର୍ଯ୍ୟକ୍ରମ ଦେଖିଲେ ଜଣାପଡେ ଯେ, ସବୁ ଦଳରେ ବଂଶବାଦ ରାଜନୀତି ଚାଲିଛି। ଗଣତନ୍ତ୍ର କୁହାଯାଉଥିଲେ ବି ପୈତୃକ ସମ୍ପତ୍ତି ଭଳି ନେତାମାନେ ରାଜନୀତିରେ ନିଜ ପୁଅ ଝିଅଙ୍କ ପ୍ରବେଶ କରାଇବାକୁ ନେଇ ଅଧିକ ସକ୍ରିୟ ଥିବା ଜଣାପଡେ। ତାହା ଜାତୀୟ ଦଳ ହେଉ କି ଆଞ୍ଚଳିକ ଦଳ ସବୁଠି ପରିବାରବାଦ ନିଜର ସ୍ଥିତି ମଜବୁତ କରିଚାଲିଛି। ସାଧାରଣ ଭୋଟର ଏତେ ଭିତରେ ପ୍ରବେଶ କରିବାର ଦକ୍ଷତା ନଥିବା ହେତୁ ହେଉ ବା ବ୍ୟୟବହୁଳ ରାଜନୀତି ପରିଚାଳନା ପାଇଁ ଅସମର୍ଥତା କାରଣରୁ ଏଭଳି ଘଟିଚାଲିଛି। ନିରୀହ ଜନସାଧାରଣ ଭଲରେ ମୁଠେ ଖାଇପିଇ ବଞ୍ଚିବା ଲକ୍ଷ୍ୟରେ ଥିଲା ବେଳେ ବଂଶ ପରିବାରକୁ ନେଇ ରାଜନୀତି କରୁଥିବା ବ୍ୟକ୍ତି ପ୍ରତିଷ୍ଠା ସହ ସମ୍ପତ୍ତି ଆରହଣ ଚିନ୍ତାରେ ରହୁଛନ୍ତି। ଏଥିରେ ସାଧାରଣ ଲୋକଙ୍କ ଲାଭ କ୍ଷତି ଅପେକ୍ଷା ନିଜ ଭଣ୍ଡାର କିଭଳି ବୃଦ୍ଧିପାଇବ ତାହା ମୂଳ ଲକ୍ଷ୍ୟ ବୋଲି ଜଣାପଡୁଛି। ସେବକ ହିସାବରେ ରାଜନୀତିରେ ଅବତୀର୍ଣ୍ଣ ହେଉଥିବା ବ୍ୟକ୍ତି ନିର୍ବାଚନୀ ଖର୍ଚ୍ଚ ହିସାବ କରି ଜିତିଲା ପରେ ଖର୍ଚ୍ଚ ହୋଇଥିବା ଅର୍ଥର ମୂଳ ସହ ଚକ୍ରବୃଦ୍ଧି ଯୋଡି ଯେତେ ଅଧିକ ହୋଇପାରିବ ସେହି ଅନୁସାରେ ସଞ୍ଚୟ କରିଚାଲିଛନ୍ତି। କେବଳ ଲୋକ ଜାଣିବାକୁ ସଂସଦ ହେଉ କି ବିଧାନସଭାରେ ଆଲୋଚନା ବେଳେ ଏହାକୁ ପ୍ରସଙ୍ଗ କରି ନିଜ ଦଳ ସପକ୍ଷରେ ନୀତି, ଆଦର୍ଶ ଯୋଡିବାକୁ ଚେଷ୍ଟା କରାଯାଉଛି। ହେଲେ ବାସ୍ତବରେ ସେଭଳି କିଛି ହୁଏନାହିଁ, ସେହି ତେଲିଆ ମୁଣ୍ଡରେ ତଲ ନ୍ୟାୟରେ ନିଜ ପ୍ରଚାର ପାଇଁ ଲୋକ ସଂଗ୍ରହ କରି ତାଙ୍କରି କଥାକୁ ଗଣତନ୍ତ୍ର ଉପରେ ଲଦି ଦିଆଯାଉଛି। ଲୋକଙ୍କ ଦ୍ୱାରା ଲୋକଙ୍କ ପାଇଁ ଓ ଲୋକଙ୍କର କୁହାଯାଉଥିବା କ୍ଷମତାକୁ କ୍ଷମତାଶୀନ ରାଜନେତା ଉପଭୋଗ କରିଚାଲିଥିଲା ବେଳେ ଏହାକୁ ଉପଯୁକ୍ତ ସ୍ଥାନରେ ବିରୋଧ କରି ନୂତନ ନୀତି ନିର୍ଦ୍ଧାରଣ କଲାଭଳି ବ୍ୟବସ୍ଥା ଏଯାଏ ହୋଇପାରିନି। କତିପୟ ସାଧାରଣ ନାଗରିକ ନିଜ ସେବା ଓ ଦକ୍ଷତା ବଳରେ ରାଜନୀତିକୁ ପ୍ରବେଶ କରିଥିଲେ ବି ପରବର୍ତ୍ତୀ ସମୟରେ ସେମାନେ ମଧ ବଂଶବାଦକୁ ପ୍ରୋତ୍ସାହନ ଦେବାରେ କୁଣ୍ଠା ପ୍ରକାଶ ବା ବିରେଧ କରିନାହାନ୍ତି। ଜାମ୍ମୁ-କାଶ୍ମୀର ହେଉ କି ଓଡ଼ିଶା ସବୁଠି ବଂଶାନୁକ୍ରମିକ ବା ସମ୍ପର୍କକୁ ନେଇ ରାଜନୀତି ବେଶ ପ୍ରଖର। ଓଡ଼ିଶା କଥା ବିଚାରକୁ ନେଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ଗଢ଼ା ହୋଇଥିବା ୨୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ରାଜ୍ୟରେ ଶାସନ ଭାର ନିଜ ପାଖରେ ରଖିପାରିଛି। ଉତ୍ତରାଧିକାରୀ ସୂତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ମୁଖ୍ୟ ବା ଦଳର ସଭାପତି ରହିଆସିଛନ୍ତି। ଅନେକ ସମୟରେ ଚର୍ଚ୍ଚା ହୁଏ ଯେ, ଏକାଧିକ ପଦବୀରେ ଜଣେ ବ୍ୟକ୍ତି ରହିବା ଅନୁଚିତ ଓ ବିଧି ସଂଗତ ନୁହେଁ। ମାତ୍ର ବାସ୍ତବ କ୍ଷେତ୍ରରେ ଏ କଥାର ଗୁରୁତ୍ୱ ନଥିଲା ଭଳି ମନେହୁଏ। କ୍ଷମତା ଏଭଳି ଏକ ରଜ୍ଜୁ ଏଥିରେ ଅନ୍ୟର ହସ୍ତକ୍ଷେପ ଓ ଲୋଭକୁ ସହଜରେ ବରଦାସ୍ତ କରିହୁଏନାହିଁ। ଯେଉଁଥିପାଇଁ ନାନାଦି ଗଣ୍ଡଗୋଳ, ତିକ୍ତତା ଓ ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ। ଯାହାକି ମିତ୍ରକୁ ଶତ୍ରୁରେ ରୂପାନ୍ତରିତ କରିବାକୁ ଆଦୌ ସମୟ ଲାଗେନାହିଁ। ତେଣୁ ରାଜନୀତି ପସାପାଲିରେ ଗୋଟି ଚାଳନା ଆଦୌ ସହଜ ନୁହେଁ। କେଉଁ ପରିସ୍ଥିତିରେ କିଭଳି କାର୍ଯ୍ୟାନୁଷ୍ଠାନ ଦରକାର, ବିରୋଧୀଙ୍କ ମୁହଁ ବନ୍ଦ ବା ତାଙ୍କୁ କିଭଳି ଉଚିତ ଜବାବ ଦିଆଯାଇପାରିବ ଓ ଜନମତ ନିଜ ସପକ୍ଷରେ ସୃଷ୍ଟିକରି ସଫଳ ହେବା ନିଶ୍ଚୟ କଷ୍ଟସାଧ୍ୟ। ଲୋକଙ୍କ ଟିକସ ପଇସାରେ ଲୋକଙ୍କ କଲ୍ୟାଣ କରି ନିଜ କ୍ଷମତା ବଳବତ୍ତର ରଖିବା ହେଉଛି ବଡକଥା। ପ୍ରତି ମୁହୂର୍ତ୍ତରେ ଜଟିଳ ସମସ୍ୟା ଆସିଲେ ବି ଏହାର ସହଜ ସମାଧାନ କରିବା ହେଉଛି ଲୋକପ୍ରିୟତା ସୃଷ୍ଟିର ବଡ ଲକ୍ଷଣ।


ସମ୍ପାଦକୀୟ
ତାରକ ମହାନ୍ତି

ନିଜ ବିଚାରକୁ ଶ୍ରେଷ୍ଠ ବିଚାର ବା ସଠିକ ବିଚାର ବୋଲି ସମସ୍ତଙ୍କୁ ବୁଝାଇ ନିର୍ଦ୍ଧାରଣ କରିଥିବା ନୀତି ଅନୁସାରେ ଅନ୍ୟକୁ ବୁଝାଇଦେବା ପୋଖତ ରାଜନୈତିକ ନେତାଙ୍କ ବଳିଷ୍ଠ ଦିଗ ବୋଲି ବୁଝିବାକୁ ହେବ। ଦୀର୍ଘବର୍ଷ ଧରି ଜନମାନସରେ ନିଜ ପାରିବା ପଣିଆର ପ୍ରମାଣ ଦେଇସାରିଥିବା ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ତାଙ୍କ ଶାସନ କାଳରେ ଓଡ଼ିଶାର ଲୋକଙ୍କ ଭିତରେ ତାଙ୍କ ପାଇଁ ଯେଉଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି ହୋଇଛି ବା ସେ ଲୋକଙ୍କ ଦ୍ୱାରା ଯେଭଳି ଗ୍ରହଣୀୟ ହୋଇପାରିଛନ୍ତି ସେଭଳି ନେତା ଆଗରୁ ନଥିଲେ ବା ଭବିଷ୍ୟତରେ ମିଳିବେ କି ନାହିଁ ସନ୍ଦେହ। ତାଙ୍କ ସରଳ ଜୀବନଯାପନ, ବେଶପରିପାଟୀ, ଅହଂକାରହୀନ କଥାବାର୍ତ୍ତା ଦ୍ୱାରା ସେ ଭୋଟରଙ୍କ ମନ ଏଭଳି କିଣିନେଇଛନ୍ତି ଯେ, ଏଥିରେ ରାକ ଲଗାଇବା ଅନ୍ୟ ଦଳ ପାଇଁ ଏଯାଏ ସମ୍ଭବ ହୋଇପାରିନି। ୨୦୧୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମ୍ୟାଜିକ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିଲା ବେଳେ ଓଡ଼ିଶାରେ ତାହାର କୌଣସି ପ୍ରଭାବ ପଡିନଥିଲା। ଯଦିଓ ନବୀନ ସରକାରଙ୍କ ଚିଟଫଣ୍ଡ, ଖଣି ଦୁର୍ନୀତି ଭଳି ବହୁ ଦୁର୍ନୀତିର ଅଭିଯୋଗ ରହିଥିଲା ତଥାପି ଭୋଟ ବେଳେ ଲୋକ ବିଜେଡିକୁ ପସନ୍ଦ କରିଥିଲେ। ଲୋକଙ୍କ ବିଶ୍ୱାସ ଜିତିବା ଓ ସେମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ସୁଯୋଗ ଦେବା ହେଉଛି ଶାସକ ମୁଖ୍ୟଙ୍କ ପ୍ରଥମ କର୍ତ୍ତବ୍ୟ। ହୁଏତ ତାହା ସୁଚାରୁରୂପେ ସମ୍ପାଦିତ କରିପାରିଛି ଶାସକ ଦଳ। ଯେଉଁଥିପାଇଁ ବିରୋଧୀଙ୍କ ସବୁ ଆରୋପ ହଜି ଯାଉଛି। ନିର୍ବାଚନ ପରିଚାଳନାରେ ବିଜେଡି ମଡେଲ ଶ୍ରେଷ୍ଠ ମଡେଲ କୁହାଯାଇପାରିବ। କାର୍ଯ୍ୟକ୍ରମରେ ତ୍ରୁଟି ଥିଲେ ସୁଦ୍ଧା ନକାରାତ୍ମକ ପ୍ରଚାର ଓ ଆରୋପକୁ ପରିବର୍ତ୍ତନ କରାଇ ଭୋଟ ଫଳାଫଳ ସକାରାତ୍ମକ କରିପାରିବାର ଦକ୍ଷତା ବୋଧହୁଏ ଦେଶରେ ବିଜେଡି ପାଖରେ ରହିଛି। ସମାନ ଫର୍ମୁଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଦେଖିବାକୁ ମିଳେ। ଦୀର୍ଘବର୍ଷ ଗୁଜୁରାଟର ମୁଖ୍ୟମନ୍ତ୍ରୀ ରହିବା ପରେ ଦେଶର ଲୋକଙ୍କ ନିକଟରେ ନିଜ ଭାବନା ଓ ଦକ୍ଷତାକୁ ସଠିକ୍ ଭାବେ ଉପସ୍ଥାପିତ କରିପାରିଛନ୍ତି। ଯେଉଁଥିପାଇଁ ଦ୍ୱିତୀୟ ପାଳି ପ୍ରଧାନମନ୍ତ୍ରୀ ଭାବେ ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରର ନେତୃତ୍ୱ ନେବାରେ ସକ୍ଷମ ହୋଇପାରିଛନ୍ତି। ସର୍ବପ୍ରଥମେ ଲୋକଙ୍କ ହୃଦୟ ଜିତି ନେତା ହେବାରେ ଯେଉଁ ସାର୍ଥକତା ଥାଏ, ତାହା ଚଂଚକତା କରି ବା ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିବାରେ ନଥାଏ। ତେଣୁ ହୃଦେହୀନ ରାଜନେତା ମିଛ କଥା କହି ଭୋଟ ହାସଲ ପରେ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ପରିବର୍ତ୍ତେ ନିଜର ସମ୍ପତ୍ତିସ୍ପିପ ବୃଦ୍ଧିର ଲାଗିପଡନ୍ତି। ସେତେବେଳେ ସେମାନେ ମନେପକାନ୍ତିନାହିଁ ଯେ, ନିର୍ବାଚନ ବେଳେ ଗରିବ ବାରଣ୍ଡାରେ ମୁଣ୍ଡ ପିଟି ସମ୍ପର୍କ ବାନ୍ଧି ଯେଉଁ ବିଶ୍ୱାସ ଟିକକ ସୃଷ୍ଟି ହୋଇଥିଲା ତାହାକୁ ବଜାୟ ରଖିବା ହେଉଛି ଅସଲ ନେତୃତ୍ୱର ମାପକାଠି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବାଜି ରାଉତଙ୍କୁ ମିଳୁ ଭାରତର ସର୍ବକନିଷ୍ଠ ଶହୀଦର ମାନ୍ୟତା


ଅଂଶୁମାନ ମହାରଣା

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତୀୟ ମାନଙ୍କର ଅସୀମ, ତ୍ୟାଗ, ନିରବଚ୍ଛିନ୍ନ ସଂଗ୍ରାମ, ଅତୁଳନୀୟ ସାଧନା ସାହସିକତା ଆତ୍ମବଳିଦାନ ଫଳରେ ଆମ ଜନ୍ମଭୂମି ଭାରତ ପରାଧୀନତାର ଶୃଙ୍ଖଳରୁ ମୁକ୍ତିଲାଭ କରିଥିଲା। ଏହି ସଂଗ୍ରାମରେ ଶତ ଶତ ଭାରତୀୟ ସ୍ୱେଚ୍ଛାରେ ଜେଲ, ଜରିମାନା ଦେବା ସଙ୍ଗେ ସଙ୍ଗେ ଆତ୍ମବଳି ଦେବାକୁ ପଛାଇ ନ ଥିଲେ। ସେହି ଶହୀଦ ମାନଙ୍କ ମଧ୍ୟରେ ୧୯୩୮ ମସିହାର ଢେଙ୍କାନାଳ ଜିଲ୍ଲାର ଗଡଜାତ ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ୧୨ ବର୍ଷର ବାଳକ ବାଜି ରାଉତ ଅନ୍ୟତମ। ଯେତେବେଳେ ଭାରତର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କଳୁଷିତ ତଥା ଭାରତୀୟ ମାନେ ସ୍ୱାଧୀନତାର ଚେତନାରେ ଜର୍ଜରିତ ଥିଲେ, ଠିକ ସେତିକି ବେଳେ ନିରୀହ କୋମଳମତି ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ଆଣି ଦେଇଥିଲା ସ୍ପନ୍ଦନ ଓ ଦର୍ଶାଇଥିଲା ଦିଗଦର୍ଶନର ପ୍ରକୃତ ପଥ। ୧୨ ବର୍ଷର ବାଳକ ବାଜି ରାଉତର ଆତ୍ମବଳି ସୃଷ୍ଟି କରିଦେଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ। ଚିରଦିନ ପାଇଁ ବାଜି ରାଉତର ଆତ୍ମବଳିଦାନ ସମଗ୍ର ମାନବ ସମାଜ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲା।

୧୯୩୬ ଅପ୍ରେଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଗଡଜାତ ଶାସନରେ ଅତ୍ୟାଚାରିତ ପ୍ରଜାମାନଙ୍କ ଆତ୍ମବଳର ଉଦ୍ରେକ ଘଟିଲା। ଫଳରେ ରାଜାଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ସ୍ୱର ପ୍ରକାଶ ପାଇଲା। ପ୍ରଜାଙ୍କ ସୁରକ୍ଷା ପାଇଁ ୧୯୩୮ ମସିହାରେ ଗଠିତ ହୋଇଥିଲା ପ୍ରଜାମଣ୍ଡଳ, ଯାହାକୁ ମାର୍ଗଦର୍ଶନ ଦେଇଥିଲେ ସାରଙ୍ଗଧର ଦାସ, କୈଳାଶ ଚନ୍ଦ୍ର ମହାନ୍ତି, ଡ଼ଃ ରାଧାନାଥ ରଥ, ଶ୍ରୀଧରଦାସ, କପିଳ ପ୍ରସାଦ ନନ୍ଦ, ପବିତ୍ର ମୋହନ ପ୍ରଧାନ, ରଘୁନାଥ ମହାନ୍ତି, ଦିବାକର ପରିଡ଼ା ଙ୍କ ଭଳି ମହାନ ନେତୃତ୍ୱଗଣ। ଢେଙ୍କାନାଳ ଗଡଜାତର ଅପାରଗ ରାଜା ଶଙ୍କର ପ୍ରତାପଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଏହି ବର୍ଷ ଜୁନ ମାସରେ ପ୍ରଜାମଣ୍ଡଳ ଗଠନ କରା ଯାଇଥିଲା। ଏହି ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ଥିଲେ ନୀଳକଣ୍ଠପୁର ଗ୍ରାମର ଏକ ଗରିବ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କ ଏକମାତ୍ର ସନ୍ତାନ ବାଜି ରାଉତ। ୧୯୨୬ ମସିହା ଅକ୍ଟୋବର ୫ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ ବୀର ବିପ୍ଳବୀ ବାଜି ରାଉତ।

ଢେଙ୍କାନାଳ ଗଡଜାତର ରାଜା ଶଙ୍କର ପ୍ରତାପ ଥିଲେ ଅତ୍ୟନ୍ତ ଅପାରଗ। ଇଂରେଜ ସରକାରଙ୍କ ସହିତ ସନ୍ଧି କରି ତାଙ୍କର ପ୍ରତିନିଧି ଭାବରେ ସେ ଶାସନ କରୁଥିଲେ। ରାଜାଙ୍କ କର୍ମଚାରୀ ଓ ପୋଲିସ ଫଉଜ ମାନେ ଗରିବ ଓ ନିରୀହ ପ୍ରଜାମାନଙ୍କ ଉପରେ ବିନା କାରଣରେ ଜୁଲମ କରି ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନଥିଲେ। ଧୀରେ ଧୀରେ ପ୍ରଜା ମାନଙ୍କର କ୍ଷୋଭ ଓ ଅସନ୍ତୋଷର ନିଆଁ ପ୍ରଜ୍ୱଳିତ ହୋଇ ଏକ ବିରାଟ ରପ ଧାରଣ କରିଥିଲା। ଗଡଜାତ ଆନ୍ଦୋଳନର ଆହ୍ୱାନ ଢେଙ୍କାନାଳର ପ୍ରଜା ମାନଙ୍କୁ ରାଜାଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ଖୋରାକ ଯୋଗାଇଥିଲା। ଭୁବନ ଗ୍ରାମ ଥିଲା ଢେଙ୍କାନାଳରେ ଗଡଜାତ ଆନ୍ଦୋଳନ ସଂଗ୍ରାମର ପ୍ରମୁଖ କେନ୍ଦ୍ରସ୍ଥଳୀ। ଭୁବନ ଅଂଚଳରେ ମହନ୍ତ ପ୍ରଧାନ, ବଟ ସାହୁ, ରଙ୍ଗଲାଲ ଅଗ୍ରବାଲ, ଲକ୍ଷ୍ମଣ ସାହୁ, ବଟ ସାହୁ ଗୁରୀ ନାୟକ, ହୁରୁଷି ପ୍ରଧାନ, ବେଣୁଧର ପ୍ରଧାନ ସଭ୍ୟମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ, ଯାହାର ସଭାପତି ଥିଲେ ପଣ୍ଡିତ ଗଙ୍ଗାଧର ମିଶ୍ର ତଥା ସମ୍ପାଦକ ଥିଲେ ବେଣୁଧର ଦେଓ। ପ୍ରଜାମଣ୍ଡଳକୁ ସହଯୋଗ କରିବା ପାଇଁ ବଟ ସାହୁଙ୍କ ନେତୃତ୍ୱରେ ୧୧/୧୨ ବର୍ଷର ବାଳକ ମାନଙ୍କୁ ନେଇ ଏକ ବାନର ସେନା ଗଠନ କରାଯାଇଥିଲା। ଗଙ୍ଗାଧର ରାଉତ, ନଟବର ନାୟକ, ଗୌରାଙ୍ଗ ମହାପାତ୍ରଙ୍କ ଭଳି ବାଜି ରାଉତ ମଧ ଏହି ବାନର ସେନାର ସଦସ୍ୟ ଥିଲେ।

ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀ ମାନଙ୍କୁ ଦମନ କରିବା ପାଇଁ ରାଜା ଶଙ୍କର ପ୍ରତାପଙ୍କ ପରାମର୍ଶ କ୍ରମେ ୧୯୩୮ ମସିହା ଅକ୍ଟୋବର ମାସରେ ୧୧ ତାରିଖ ଦିନ ବିଜୟ ଘୋଷଙ୍କ ନେତୃତ୍ୱରେ ଇଂରେଜ ସରକାରର ପୋଲିସ ବାହିନୀ ସଂଗ୍ରାମର କେନ୍ଦ୍ରସ୍ଥଳୀ ଭୁବନରେ ପହଂଚିଥିଲେ। ଦୀର୍ଘଦିନ ଧରି ଲାଗି ରହିଥିବା ଝଡବର୍ଷା ଓ ଅନ୍ଧାର ରାତି ଥିଲା ସଂଗ୍ରାମୀ ମାନଙ୍କ ପାଇଁ ମୁଖ୍ୟ ପ୍ରତିବନ୍ଧକ। ଯେତେବେଳେ ଶହ ଶହ ସଂଗ୍ରାମୀ ଏକତ୍ରିତ ହୋଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ପୋଲିସ ବାହିନୀ ଜୀବନ ବିକଳରେ ଲୁଚିଛପି ପଛଘୁଂଚା ଦେଇଥିଲେ। ଭୁବନ ଠାରୁ ଢେଙ୍କାନାଳ ସଦର ମହକୁମା ତଥା ପୋଲିସ ବାହିନୀର ଶିବିର ଗୋଟିଏ ବାଟ ଥିଲା। ସେହି ବାଟ ମଧ୍ୟରେ ନୀଳକଣ୍ଠପୁର ନଦୀଘାଟଟି ଥିଲା ମୁଖ୍ୟ ପ୍ରତିବନ୍ଧକ। ନୀଳକଣ୍ଠପୁରର ପ୍ରଜାମାନେ ଏହି ଘାଟରେ ଶତ୍ରୁମାନଙ୍କୁ ପାରି କରିବେ ନାହିଁ ବୋଲି ପୂର୍ବରୁ ସ୍ଥିର କରିଥିଲେ। ଏହା ସମସ୍ତ ପ୍ରଜା ମାନଙ୍କ ଉପସ୍ଥିତିରେ ଏକ ଗ୍ରାମ୍ୟ ସଭାରେ ସ୍ଥିର ହୋଇଥିଲା। ଦିବାରାତ୍ର ନଦୀଘାଟ ଜଗିବା ପାଇଁ ନାଉରିଆ ସମେତ ଗ୍ରାମ ତରଫରୁ ଜଣେ ଜଣେ ପ୍ରତିଦିନ କାର୍ଯ୍ୟବଂଟା ହୋଇଥିଲା। ବ୍ରାହ୍ମଣୀ ନଦୀର ଦୁଇକୂଳ ଜଳର ପ୍ରଖର ସ୍ରୋତରେ ଉଛୁଳି ପଡୁଥିଲା। ସେଦିନର କିଟିମିଟିଆ ରାତିରେ ଘାଟ ଜଗିବାର ପାଳି ଥିଲା ବାଜି ରାଉତର।

ବାଜି ରାଉତ କେତେଜଣ ସ୍ୱେଚ୍ଛାସେବୀଙ୍କ ଗହଣରେ ସେହି ରାତିରେ ଘାଟ ଜଗିଥାଏ। ହଠାତ ପୋଲିସ ଫୌଜ ଭୁବନରେ ଅତ୍ୟାଚାର କରି ଜୀବନ ବିକଳରେ ନଦୀଘାଟ ପାରି ହେବାକୁ ନୀଳକଣ୍ଠପୁର ନଦୀଘାଟରେ ଉପସ୍ଥିତ ହୋଇଗଲେ। ବଡପାଟିରେ ଡ଼ାକି ପକାଇଲେ ନାଉରିଆ କୁ ନଦୀ ପାର କରିବା ପାଇଁ। ବିଳମ୍ବ ନ କରି ବୀରଦର୍ପରେ ପୋଲିସ ମାନଙ୍କୁ ୧୨ ବର୍ଷର ବାଳକ ଜବାବ ଦେଲା, ପାରି କରିବା ତବ ଦୂରର କଥା, ପ୍ରଜାମଣ୍ଡଳର ଆଦେଶ ମୁଁ ଆପଣଙ୍କୁ ଡ଼ଙ୍ଗାରେ ବସାଇବି ନାହିଁ। ସିପାହୀ ମାନେ ପୁଣିଥରେ ନଦୀ ପାର କରିବା ପାଇଁ ବାଜି ରାଉତକୁ କହିବା ସହ ପାରି ନକଲେ ଗୁଳି ମାରିବାକୁ ଧମକ ଦେଲେ। ଏହା ଶୁଣି ବାଜି ରାଉତ ନିର୍ଭୀକତାର ସହ ଜବାବ ଦେବା ସହ ଫିରିଙ୍ଗୀ ସେନାକୁ ଭର୍ତ୍ସନା କରିବା ସମୟରେ ନିରୀହ ପାଟିରୁ ଭୟଙ୍କର ଚିତ୍କାର ନସରୁଣୁ ଇଂରେଜ ପୋଲିସ ବନ୍ଧୁକ ନଳୀରୁ ଗୁଳିଟିଏ ଆସି ବାଜିଗଲା ବାଜି ରାଉତର ମୁଣ୍ଡ କପାଳରେ। କଅଁଳିଆ ଖପୁରିଟା ଦୁଇଫାଳ ହୋଇଯିବା ସହ କ୍ଷଣକ ମଧ୍ୟରେ ବାଜି ରାଉତର ଶରୀର ଭୂପତିତ ହେଲା। ପୁନର୍ବାର ଉଠି ବଡ଼ପାଟିରେ ଗ୍ରାମବାସୀଙ୍କୁ ଡ଼ାକ ପକାଇଲା ଗ୍ରାମବାସୀଙ୍କୁ। ତା ପରେ ସବୁ କିଛି ଶେଷ।

ବାଜି ରାଉତର ପାଟିଶୁଣି ଶତଶତ ଗ୍ରାମବାସୀ ଓ ପ୍ରଜାମଣ୍ଡଳର କର୍ମୀ ବିଜୁଳି ବେଗରେ ଧାଇଁ ଆସିଲେ। ସମସ୍ତେ ବାଜି ରାଉତର ମୃତ ଶରୀର ଦେଖି ରାଗରେ ଜର୍ଜରିତ ହୋଇ ଉଠିଲେ। ପୋଲିସ ବାହିନୀ ଜୀବନ ବିକଳରେ କୌଶଳ କରି ଡଙ୍ଗାର ଦଉଡ଼ିକୁ ମଝିରୁ କାଟି ଡ଼ଙ୍ଗାରେ ନଦୀର ମଝିଗର୍ଭକୁ ପଳାଇଲେ। ମଝିନଦୀରୁ ଗୋଟିଏ ପରେ ଗୋଟିଏ ଗୁଳି କରି ବହୁତ ଲୋକଙ୍କୁ ରକ୍ତାକ୍ତ କରି ପକାଇଲେ, ସେଥି ମଧ୍ୟରୁ ୬ ଜଣ ସେହି ନଦୀଘାଟରେ ମୃତ୍ୟୁବରଣ କରିଥିଲେ। ବାଜିରାଉତ ସମେତ ସେଠାରେ ମୃତ୍ୟୁବରଣ କରିଥିବା ଶହୀଦ ହେଲେ ହୁରୁଷି ପ୍ରଧାନ, ରଘୁ ନାୟକ, ନଟ ମଲ୍ଲିକ, ଲକ୍ଷ୍ମଣ ମଲ୍ଲିକ, ଓ ଫଗୁ ସାହୁ। ଦେଶ ଓ ଜାତିର ସ୍ୱାର୍ଥ ପାଇଁ ବାଜିରାଉତ ସମେତ ଛଅ ଜଣଙ୍କର ରକ୍ତରେ ବ୍ରାହ୍ମଣୀ ନଦୀର ଜଳ ରକ୍ତାକ୍ତ ହେବା ସଙ୍ଗେ ସଙ୍ଗେ ନୀଳକଣ୍ଠପୁର ଗ୍ରାମର ମାଟି ପବିତ୍ର ହୋଇଯାଇଥିଲା। ପରଦିନ ସକାଳେ ସେହି ଛଅ ଜଣ ଶହୀଦଙ୍କୁ ଶୋଭାଯାତ୍ରାରେ ଡ଼ଙ୍ଗା ସାହାଯ୍ୟରେ ଜେନାପୁର ନିଆଯାଇ ସେଠାରୁ ଟ୍ରେନ ଯୋଗେ ନିଆଯାଇଥିଲା। କଟକ ଷ୍ଟେସନ ଠାରୁ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସ୍ୱାଧୀନତା ପ୍ରେମୀଙ୍କର ଶୋକାକୁଳ ପରିବେଶରେ ବିଭିନ୍ନ ସ୍ଥାନରେ ସମ୍ମାନିତ କରାଯିବା ସହ କାଠଯୋଡ଼ି କୂଳ ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶୋଭାଯାତ୍ରା ଓ ଦାହ କାର୍ଯ୍ୟରେ ସଂଗ୍ରାମୀ ବନ୍ଧୁ ଅନନ୍ତ ପଟ୍ଟନାୟକ, ରବି ଘୋଷ, ଗୋବିନ୍ଦ ମହାନ୍ତି, ସଚ୍ଚି ରାଉତରାୟ ପ୍ରମୁଖ ସାମିଲ ଥିଲେ। ଅମର ଶହୀଦ ମାନଙ୍କ ଚିତାଭସ୍ମ ଓଡ଼ିଶାରେ ଗଡ଼ଜାତ ରାଜୁତିର ପତନ ସହ ଭାରତୀୟ ସ୍ୱାଧୀନତାର ମୂଳଦୁଆ ପକାଇଥିଲା।

ଭାରତରେ ପଢାଯାଉଥିବା ଇତିହାସକୁ ବଦଳାଇବା ଜରୁରୀ ଏଭଳି କିଛି ଚର୍ଚ୍ଚିତ ପ୍ରସଙ୍ଗ ବର୍ଷକ ପୂର୍ବରୁ ଉଠାଯାଇଥିଲା ଯାହାର ଅନେକ କ୍ଷେତ୍ରରେ ବାସ୍ତବତା ରହିଥିବା ମନେ ହୁଏ। ଯଦି ଆମେ ଏହାକୁ ସଠିକ ଭାବରେ ଅନୁଧ୍ୟାନ କରିବା ତେବେ ଏହାର ପ୍ରକୃତ କାରଣକୁ ଖୋଜି ପାଇବା। ଉଦାହରଣ ସ୍ୱରୂପ ବାଜି ରାଉତଙ୍କ କଥା ଆଲୋଚନା କରାଯାଉ। ଭାରତର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ସମସ୍ତ ଶହୀଦ ସଂଗ୍ରାମୀ ମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ଆମେ ଯଦି ଦେଖିବା ତେବେ ବୟସ ତୁଳନାରେ ଭାରତର ସର୍ବକନିଷ୍ଠ ଶହୀଦ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ବାଜି ରାଉତ। କିନ୍ତୁ ବାଜି ରାଉତଙ୍କ ସମ୍ପର୍କରେ କେବଳ ଓଡ଼ିଶା ଛାଡ଼ିଦେଲେ ଭାରତର ଅନ୍ୟ ରାଜ୍ୟରେ ସର୍ବକନିଷ୍ଠ ଶହୀଦ ଭାବରେ ଇତିହାସରେ ପଢାଯାଏ ନାହିଁ କିମ୍ବା ବାଜି ରାଉତଙ୍କୁ ଭାରତର ସର୍ବକନିଷ୍ଠ ଶହୀଦ ଭାବରେ କେହି ଜାଣନ୍ତି ନାହିଁ। ଏହି ପ୍ରସଙ୍ଗକୁ ଅନୁଧ୍ୟାନ କଲେ ଭାରତର ପଢାଯାଉଥିବା ଇତିହାସର ପୁନର୍ଲିଖନ ଶତ ପ୍ରତିଶତ ଯୁକ୍ତିଯୁକ୍ତ ବୋଲି ମନେ ହୁଏ।

ସର୍ବୋପରି ୧୨ ବର୍ଷର କୋମଳମତି ବାଳକ ବାଜି ରାଉତର ଆତ୍ମବଳି ପ୍ରତ୍ୟେକ ଭାରତୀୟ ମାନଙ୍କ ହୃଦୟରେ ଆଣିଦେଇଥିଲା ସ୍ୱାଧୀନତାର ସ୍ପନ୍ଦନ। ତାଙ୍କର ବୀରତ୍ୱ, ସାହସିକତା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମୀ ଭାରତୀୟ ମାନଙ୍କର ଅସୀମ ତ୍ୟାଗ ଓ ସାଧନା ଫଳରେ ବାଜି ରାଉତଙ୍କ ମୃତ୍ୟୁର ୯ ବର୍ଷ ପରେ ଦେଶ ସ୍ୱାଧୀନ ହେଲା। ଲୋମର୍ଷ, ଅକଥନୀୟ ଓ ନିଷ୍ଠୁର ରାଜାରାଜୁଡ଼ା ଶାସନ ଚିରଦିନ ପାଇଁ ଧୂଳିସାତ ହୋଇଗଲା। ମଶାଣିର ଚିତାଭସ୍ମ ସିନା ଲିଭିଗଲା, କିନ୍ତୁ ଭାରତର ଇତିହାସ ପୃଷ୍ଠାରେ ଯଶ ଓ କୀର୍ତ୍ତି ରଖିଗଲା। ଅତଏବ ୧୨ ବର୍ଷ ବୟସରେ ଦେଶ ଓ ଜାତିର ସ୍ୱାର୍ଥ ପାଇଁ ପ୍ରାଣ ଦାନ କରିଥିବା ଶହୀଦ ବାଜି ରାଉତଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦର ମାନ୍ୟତା ଦିଆଗଲେ ତାହା ହେବ ବାଜି ରାଉତଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ଦୂରଭାଷ : ୮୦୯୩୨୯୮୭୨୪

# ବିବାଦରେ ପୁରୀ ରେଳଷ୍ଟେସନ 'ଗାନ୍ଧୀ ଫଳକ'


ଶେଖ ଫରିଦ୍ଉଦ୍ଦିନ୍

ପୁରୀ ରେଳଷ୍ଟେସନ ପ୍ରବେଶ ପଥରେ ବହୁ ଦିନରୁ ଏକ ଫଳକ ଶୋଭାପାଉଛି। ଏଥିରେ ଇଂରାଜୀ, ହିନ୍ଦୀ ଓ ଓଡ଼ିଆ ଭାଷାରେ ଲେଖା ରହିଛି ଏଠାରୁ ୨୯କିମି ଦୂରବର୍ତ୍ତୀ ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ ଡେଲାଙ୍ଗଠାରେ ଗାନ୍ଧୀଜୀ ୧୯୩୯ ମସିହାରେ କିଛି ଦିନ ପାଇଁ ଅବସ୍ଥାନ କରିଥିଲେ। ଜଗନ୍ନାଥ ମନ୍ଦିରରେ ହରିଜନ ମାନଙ୍କ ପ୍ରବେଶ ନିଷିଦ୍ଧ ଥିବାରୁ ସେ ଶ୍ରୀମନ୍ଦିର ଦର୍ଶନ କରି ନଥିଲେ। କସ୍ତୁରବା ଓ ମହାଦେବ ଦେଶାଇ କିଛି ଚିନ୍ତା ନ କରି ଶ୍ରୀମନ୍ଦିର ଦର୍ଶନ କରିଥିବାରୁ ଗାନ୍ଧୀଜୀଙ୍କ ଠାରୁ ଭର୍ତ୍ସନା ଶୁଣିଥିଲେ। ଦୀର୍ଘ ବର୍ଷ ପରେ ଏହି ଫଳକକୁ ନେଇ ବିବାଦ ଉପୁଜିଛି। ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ବିଶ୍ୱ ପାଳନ କରୁଥିବା ବେଳେ ପୁରୀ ଓ ଶ୍ରୀମନ୍ଦିରକୁ ନେଇ ପୁରୀ ରେଳ ଷ୍ଟେସନରେ ତଥ୍ୟଗତ ପ୍ରମାଦ ଥିବା ଏହି ଫଳକକୁ ଅପସାରଣ କରିବାକୁ ସାମାଜିକ କର୍ମୀ ତଥା ଆଇନଜୀବୀ ଜୟନ୍ତ ଦାସ ରେଳବାଇ ନିକଟରେ ଦାବି କରିଛନ୍ତି ଓ ପୁରୀ ଷ୍ଟେସନ ମ୍ୟାନେଜର, ପୂର୍ବତଟ ରେଳବାଇ ମ୍ୟାନେଜର, ଆରଏମ୍ ଖୋର୍ଦ୍ଧାଙ୍କୁ ପକ୍ଷଭୁକ୍ତ କରି ଏତଲା ଦେଇଛନ୍ତି।

ଏହି ଫଳକ ଏଠାରେ ରହିବା ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଏକ ନକାରାତ୍ମକ ଭାବନା ତିଆରି ହେଉଛି। ଜଗନ୍ନାଥ ସଂସ୍କୃତିକୁ ଅଧ୍ୟୟନ କରି ଅଭିଭୂତ ହୋଇ ପୁରୀ ଆସୁଥିବା ପର୍ଯ୍ୟଟକ ଏହି ଫଳକ ଦେଖି ବିମୁଖ ହେଉଥିବା ସେ କହିଛନ୍ତି। ତେଣୁ ତ୍ରୁଟିପୂର୍ଣ୍ଣ ଏହି ଫଳକକୁ ଏଠାରୁ ତୁରନ୍ତ ଅପସାରଣ କରିବାକୁ ସେ ଦାବି କରିଛନ୍ତି। ଶ୍ରୀମନ୍ଦିରକୁ ହରିଜନ ଯାଆନ୍ତି ନାହିଁ ତାର ପ୍ରମାଣ ଦେବା ସହିତ କେଉଁ ତଥ୍ୟକୁ ଆଧାର କରି ଏଭଳି ଫଳକ ରଖାଯାଇଛି ତାର ଉତ୍ତର ମଧ ମାଗିଛନ୍ତି। ଆଇନଜୀବୀ ଶ୍ରୀ ଦାସଙ୍କ ଚିଠିର ଉତ୍ତର ଦେଇ ରେଳବାଇ କର୍ତ୍ତୃପକ୍ଷ ଜାନୁଆରୀ ୧ ତାରିଖରେ ଏଥିରେ ସେମିତି କିଛି ତ୍ରୁଟି ନାହିଁ, ଏହି କଥାଟି ସର୍ବଜନ ଗୃହୀତ ହୋଇଥିବାରୁ ଏହା ଅପସାରଣ ସମ୍ଭବ ନୁହେଁ। ଏହା ସହ ଜିଲ୍ଲାପାଳଙ୍କୁ ଭେଟିବାକୁ ପରାମର୍ଶ ଦେଇଛନ୍ତି। ତେବେ ରେଳବାଇ କର୍ତ୍ତୃପକ୍ଷ କୌଣସି ପ୍ରମାଣ ଦେଇନାହାନ୍ତି, ଏପରିକି ଏହା କେଉଁ ଆବହମାନ କାଳରୁ ରହିଥିବା ଉତ୍ତରରେ ଲେଖିଛନ୍ତି। ରେଳବାଇ କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲ ଉତ୍ତର ବିରୋଧରେ ଶ୍ରୀ ଦାସ ଥାନାରେ ଏତଲା ଦାୟର କରିଛନ୍ତି। ସାମାଜିକ କର୍ମୀ ଶ୍ରୀ ଦାସ ଉଠାଇଥିବା ପ୍ରସଙ୍ଗଟି ଏବେ ଶ୍ରୀମନ୍ଦିରରେ ହରିଜନ ପ୍ରବେଶକୁ ବିତର୍କକୁ ଟାଣିଛି। ଶ୍ରୀମନ୍ଦିର ବା ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗାନ୍ଧୀଙ୍କ ମନରେ ଭୁଲ ଧାରଣା ତିଆରି କରାଯାଇନାହିଁ ତ? ଶ୍ରୀମନ୍ଦିରକୁ ସତରେ କ'ଣ ହରିଜନ ପ୍ରବେଶ ଅନୁମତି ନଥିଲା? ଏଭଳି ଅନେକ ପ୍ରଶ୍ନ ମଧ ଉଠିଛି। ଏହି ପ୍ରସଙ୍ଗକୁ ନେଇ ବିଶିଷ୍ଟ ଗାନ୍ଧୀ ଗବେଷକ ତଥା ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ପୁରୀ ରେଳ ଷ୍ଟେସନରେ ଲାଗିଥିବା ଫଳକଟିକୁ ସଂପୂର୍ଣ୍ଣ ଭୁଲ ବୋଲି କହିଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଗାନ୍ଧୀଙ୍କ ଜୟନ୍ତୀ ବିଶ୍ୱସ୍ତରରେ ପାଳନ ହେଉଥିବା ବେଳେ ଏଭଳି ତଥ୍ୟଗତ ପ୍ରମାଦ ଥିବା ଫଳକର ଅପସାରଣ ଜରୁରୀ ବୋଲି ସେ କହିଛନ୍ତି। ସେ କହିଛନ୍ତି, ଗାନ୍ଧୀଜୀ ୧୯୩୯ରେ ପୁରୀ ଆସିନଥିଲେ। ଗାନ୍ଧୀ ୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ଡେଲାଙ୍ଗ ବେରବୋଇ ଆସିଥିଲେ। ମହାଦେବ ଦେଶାଇ ଓ କସ୍ତୁରବା ଶ୍ରୀମନ୍ଦିର ଯିବା କଥା ମଧ ତ୍ରୁଟିଯୁକ୍ତ। ଗାନ୍ଧୀଜୀଙ୍କର ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କୁ ନେଇ ସେଭଳି କିଛି ଖରାପ ଧାରଣ ନଥିଲା। ସେ ୧୯୨୧ ମାର୍ଚ୍ଚ ୨୬ରେ ପୁରୀ ଆସିଥିଲେ, ନିଜେ ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କୁ ଶ୍ରୀମନ୍ଦିର ନେଇ ଯାଇଥିଲେ। କସ୍ତୁରବାଙ୍କ ସହିତ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ଓ ତାଙ୍କର ଅନୁଭୂତି 'ୟଙ୍ଗ ଇଣ୍ଡିଆ'ରେ ଉଲ୍ଲେଖ କରିଛନ୍ତି। ମହାପ୍ରଭୁଙ୍କ କଥା ଓ ଶ୍ରୀମନ୍ଦିର ପରିମଳକୁ ନେଇ ଗାନ୍ଧୀ ନିଜେ ଉଲ୍ଲେଖ କରିଛନ୍ତି। ଅବଶ୍ୟ ୧୯୩୪ରେ ଗାନ୍ଧୀ ପୁରୀରୁ ହରିଜନ ଆନ୍ଦୋଳନର ପଦଯାତ୍ରା ଆରମ୍ଭ କରିଥିଲେ। ଯେଉଁ ମନ୍ଦିରକୁ ହରିଜନଙ୍କ ସ୍ୱେଚ୍ଛାକୃତ ପ୍ରବେଶ ନାହିଁ, ସେଠାକୁ ସେ ଯିବେ ନାହିଁ ବୋଲି କହିବା ସହିତ ଗାନ୍ଧୀ ଶ୍ରେୟା ଚଣ୍ଡାଳୁଣୀ କଥା କହି ଶ୍ରୀମନ୍ଦିରକୁ ହରିଜନଙ୍କ ପ୍ରବେଶ ଥିଲା ବୋଲି ମଧ କହିଥିଲେ। କିଛି ଦିନ ପାଇଁ ଏ ପରମ୍ପରା ବ୍ୟାହତ ହୋଇଥିବା ସେ କହିଥିଲେ ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ସର୍ବଧର୍ମ ସମନ୍ୱୟର ସଂସ୍କୃତି। ହଜାର ହଜାର ବର୍ଷ ତଳୁ ଏହି ସଂସ୍କୃତିରେ ଏ କଥା ରହି ଆସିଛି। ଦାଶିଆ ବାଉରି ହାତରୁ ନଡ଼ିଆ ହେଉ କି ଭକ୍ତ ସାଲବେଗ କଥା। ତେବେ ଶ୍ରୀମନ୍ଦିରକୁ ହରିଜନ ପ୍ରବେଶ ଅନୁମତି ନଥିଲା ବୋଲି କହିବା ଉଚିତ ହେବନାହିଁ ବୋଲି କିଛି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର ଗଣମାଧ୍ୟମକୁ ନିଜ ମତାମତରେ ଜଣାଇଛନ୍ତି। ଗାନ୍ଧୀଙ୍କର ଏକଥା ତ ୧୯୩୮ର କଥା, ମାତ୍ର ଶହ ଶହ ବର୍ଷ ଧରି ଶ୍ରୀମନ୍ଦିର ପରମ୍ପରାରେ ହରିଜନଙ୍କର ସେବା ରହିଛି। ଯାହା ଶ୍ରୀମନ୍ଦିର ସ୍ୱତଲିପିରେ ମଧ ଉଲ୍ଲେଖ ରହିଛି, ଯାହା ଏମାନେ ସଂପାଦନ କରନ୍ତି। ଶ୍ରୀମନ୍ଦିର ପରିଚ୍ଛନ୍ନତା ରଖିବା ଏମାନଙ୍କ ଦାୟିତ୍ୱ ଥିଲା। ଏଥି ସହିତ ଭୋଇ ସେବକଙ୍କ ମଧ ସ୍ୱତନ୍ତ୍ର ସେବା ରହିଛି। ରଥକାଠ ବୋହିବା, ଚାରମାଳ ବୋହି ନେଇ ଶ୍ରୀମନ୍ଦିରରେ ରଖିବା ଆଦି ସେବା ଏମାନେ କରନ୍ତି। ନବକଳେବର ସମୟରେ କୋଇଲି ବୈକୁଣ୍ଠରେ ମଧ ଭୋଇ ସେବକଙ୍କ ସେବା ରହିଛି। ଯାହା ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରହିଛି। ଶ୍ରୀମନ୍ଦିରକୁ କେବେ ହରିଜନଙ୍କୁ ବାରଣ କରାଯାଇ ନଥିବା ସେ କହିଛନ୍ତି।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ
ଦୂରଭାଷ : ୯୪୩୭୦୦୪୮୮୮

## ଧୃତିଃ :-

ଧୈର୍ଯ୍ୟ ବିଷୟରେ ଏକ କଥା ରହିଛି। ଜଣେ ଅତି ନିର୍ଧନ କବି ଥିଲେ। ତାଙ୍କର ବିବାହ ଯୋଗ୍ୟ ଗୋଟିଏ କନ୍ୟା ଥିଲା। ତେଣୁ ଝିଅକୁ ବିବାହ କରିବା ପାଇଁ ଥରେ ସେ ପୁରସ୍କାର ଆଶାରେ ରାଜସଭାକୁ ଯାଇ ଏକ ଶ୍ଳୋକ ଶୁଣାଇଲେ। ରାଜା ବଡ ପ୍ରଶନ୍ନ ହୋଇ କବିଙ୍କୁ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ଭେଟ ଦେଲେ। ସେହି ଶ୍ଳୋକଟିକୁ ନିଜ ଶୟନ କକ୍ଷର ଦୁଆରେ ବଡ ବଡ ଅକ୍ଷରରେ ଲେଖି ରଖିଲେ। କିଛିଦିନ ପରେ ରାଜାଙ୍କୁ ଅନେକ ଦିନ ପାଇଁ ରାଜ୍ୟରୁ ବାହାରକୁ ଯିବାକୁ ପଡିଲା। ପନ୍ଦର ବର୍ଷ ପରେ ରାଜା ନିଜ ରାଜ୍ୟକୁ ଫେରିଲେ। ବିନା ସୂଚନାରେ ରାଜା ଅମାବାସ୍ୟା ରାତିରେ ଘରେ ଆସି ପହଞ୍ଚି ଦେଖନ୍ତି ତ ରାଣୀଙ୍କ ପାଖରେ ତାଙ୍କର ଶୟନ କକ୍ଷରେ ଏକ ନବ ଯୁବକ ଶୋଇଛି। କ୍ରୋଧାନ୍ୱିତ ହୋଇ ରାଜା ତଲବାର ବାହାର କରି ଯୁବକକୁ ହାଣିବାକୁ ଯାଉଥିବା ବେଳେ ତାଙ୍କର ଦୃଷ୍ଟି ଦୁଆରରେ ଲେଖା ଯାଇଥିବା ଶ୍ଳୋକ ଉପରେ ପଡିଥିଲା ଓ ସେ ସାଙ୍ଗେସାଙ୍ଗେ ଥମି ଯାଇଥିଲେ। କ୍ରୋଧକୁ କାବୁ କରି ରାଣୀକୁ ଉଠାଇ ପଚାରିବାରୁ, ରାଣୀ କହିଲେ ଏ ଆପଣଙ୍କର ପୁତ୍ର, ଯାହାକୁ ଆଠବର୍ଷ ବୟସରେ ଆପଣ ଛାଡି ଯାଇଥିଲେ। ମୋତେ ରାତିରେ ଡର ନ ଲାଗିବା ପାଇଁ ତାକୁ ପାଖରେ ଶୁଆଇଥିଲି। ରାଜା ବହୁତ ବଡ ଅପରାଧରୁ ସେ ଦିନ ବଞ୍ଚି ଯାଇଥିଲେ। କାରଣ ପ୍ରତ୍ୟେକ ପରିସ୍ଥିତିରେ ଧୈର୍ଯ୍ୟହରା ନ ହେବା ପାଇଁ ସେହି ଶ୍ଳୋକରେ ଲେଖା ଯାଇଥିଲା।




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ
ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ

ଭର୍ତ୍ତୃହରି କହିଛନ୍ତି, "ପ୍ରାରଭ୍ୟତେ ନ ଖଲୁ ବିଘ୍ନଭୟେନ ନେଚୈଃ ପ୍ରାରଭ୍ୟ ବିଘ୍ନବିହତା ବିରମତି ମଧ୍ୟାଃ ବିଘ୍ନୈଃ ପୁନଃ ପୁନରପି ପ୍ରତି ହନ୍ୟମାନାଃ ପ୍ରାରବ୍ଧ ମୁତ୍ତମଜନାଃ ନ ପରିତ୍ୟଜନ୍ତି"। ଅର୍ଥାତ୍ ଯିଏ କାମ ଆରମ୍ଭ କରିବା ପୂର୍ବରୁ ଅଟକି ଯାଆନ୍ତି କି, ଆଗକୁ କ'ଣ ହେବ? କିପରି ହେବ? ସେ ପୁରୁଷ ଅଧମ ଅଟେ। କିଛି ଜଣ ସାହାସ ଜୁଟାଇ କାମ ଆରମ୍ଭ ତ କରି ଦିଅନ୍ତି କିନ୍ତୁ ମଝିରେ ଅଟକି ଯାଆନ୍ତି। ସେ ପୁରୁଷ ମଧ୍ୟମ ଅଟନ୍ତି। ମାତ୍ର ବାରମ୍ବାର ବିଘ୍ନ ଆସିଲେ ବି ଯିଏ ନିଜ କାମରେ ଲାଗି ରହି ସଫଳତା ପୂର୍ବକ ପୂରା କରିଥାଏ, ସେ ଉତ୍ତମ ପୁରୁଷରେ ପରିଗଣିତ।

ତୁଳସୀଦାସ କୁହନ୍ତି, "ଧୀରଜ ଧର୍ମ ଔ ନାରୀ, ଆପଦ କାଳେ ପରଖିଯେ ଚାରି। ଅର୍ଥାତ୍ ଧୈର୍ଯ୍ୟ, ଧର୍ମ, ମିତ୍ର, ନାରୀ ଏହି ଚାରିଟିର ପରୀକ୍ଷା ବିପଦ ଆସିବା ସମୟରେ ଜଣାପଡିଯାଇଥାଏ। ସଂସାର ସ୍ୱାର୍ଥୀ ଅଟେ ଓ ଏଭଳି ହିଁ ରହିବ।

ମାତା ନାଦ୍ଧସ୍ତି ନାଦ୍ଧସ୍ତି ବନ୍ଧୁ ସହୋଦରଃ।

ନାଦ୍ଧସ୍ତି ନାଦ୍ଧସ୍ତି କୋଦ୍ଧପି ନାଦ୍ଧସ୍ତି ତସ୍ମାତ୍ ଜାଗ୍ରତ ଜାଗ୍ରତ।।

ବିପତ୍ତି ବେଳେ ଯିଏ ସାଥି ଦେଇଥାଏ, ସେ ହିଁ ବାସ୍ତବରେ ତୁମର ବନ୍ଧୁ। ତେଣୁ ନିଜ ଉପରେ ନିର୍ଭର କରିବା ଉଚିତ ଅନ୍ୟ କାହା ଉପରେ ନୁହେଁ। ବିପତ୍ତି ବେଳେ ସମସ୍ତେ ହାତ ଛାଡି ଚାଲି ଯାଆନ୍ତି କିନ୍ତୁ ଧୈର୍ଯ୍ୟ ଧରି କାମ କଲେ ସେହିମାନେ ଫେରି ଆସନ୍ତି। ସେଥିପାଇଁ ସବୁବେଳେ ଧୈର୍ଯ୍ୟବାନ ହୁଅ। ସମୟ ସବୁବେଳେ ଏକାପରି ନୁହେଁ, ଶେଷରେ ମଙ୍ଗଳ ହେବ ନିଶ୍ଚୟ।

(କ୍ରମଶଃ)



*ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।*

**କ୍ଷୀରୋଦ ଦାସ**

ଭାଗ-୩୦

# ସମ୍ପର୍କର ସୂତା ଖିଅ

**ଅ**ପମାନରେ ଜଳିଗଲା ମହିଳାଙ୍କ ମୁହଁ। ତାଙ୍କୁ ଯେ ଅପମାନିତ କରୁଚି ଏ ଅଭଦ୍ର, ଏକଥା ଜାଣିବାକୁ ବିଶେଷ ବିଳମ୍ବ ହେଲାନି ତାଙ୍କ ପାଇଁ। ତମତମ ହୋଇ ସେ ଫେରିଯାଉଥିବା ବେଳେ ଉଚ୍ଚାରଣ କଲେ- ରାସ୍କେଲ୍ ଇଡିଏଟ୍...ନନ୍‌ସେନ୍‌ସ...!!

ସୁରେନ୍ଦ୍ର ଡେଇଁ ପଡ଼ିଲା ମହିଳାଙ୍କ ଆଗକୁ। ତା' ଆଖି ଜଳିଉଠିଲା। ତାକୁ ଅପମାନିତ କରୁଥିବା ଏ ମହିଳା ଜଣକ କିଏ? ଇୟେ ମମତା କି? ତା ହାତ ମୁଠା ଟାଣ ହେଲା। ଶିରାପ୍ରଶିରା ଟଣ୍‌ଟଣ୍ କରି ଉଠିଲା। ଚିତ୍କାର କଲା ସେ, -ଚୋପ୍, ପାଟିବନ୍ଦ କରି କହୁଚି। ଜଣେ ସ୍ତ୍ରୀ ଲୋକ ମୁହଁରେ ଏସବୁ ଗାଳି ଶୋଭାପାଏନା। ବେଶୀ ପାଟି କଲେ ଗୋଟାଏ ଚାପୁଡ଼ାରେ ତୋ ଗାଲ ଭାଙ୍ଗିଦେବି। ଜାଣିଛୁ ମୁଁ କିଏ?

ଚିତ୍କାର କରି ଉଠିଲେ ମହିଳାଜଣକ। ତାଙ୍କ ପାଟି ଶୁଣି ଆଖପାଖର ଲୋକ ଜମିଗଲେ ସେଠି। ଦୋକାନର ଅନ୍ୟ ଦୁଇଜଣ କର୍ମଚାରୀ ସୁରେନ୍ଦ୍ରକୁ ଆୟତ୍ତ କରିବାକୁ ଚେଷ୍ଟା କଲାବେଳକୁ ମହିଳାଙ୍କ ଗାଲରେ ସେ ବସାଇ ସାରିଥିଲା ଏକ ଶକ୍ତ ଚାପୁଡ଼ା।

ଚ୍....ଚ୍... ୟେ ସତରେ ପାଗଳ ହୋଇଗଲା- କହି ଲୋକମାନେ ତାକୁ କାବୁ କରିନେଲେ! ସଙ୍ଗେ ସଙ୍ଗେ ମାଲିକ ଆସି ପହଞ୍ଚିଲେ। କ୍ରୋଧ ଓ ଅପମାନରେ ଥରୁଥିବା ଭଦ୍ର ମହିଳାଙ୍କ ହାତ ଗୋଡ ଧରି ଭୁଲ୍ ମାଗିଲେ। ନାହିଁନଥିବା କ୍ରୋଧରେ ଚାହିଁଲେ ସୁରେନ୍ଦ୍ରକୁ। ତଥାପି ତାକୁ ପୋଲିସରେ ନ ଦେଇ, ତା' ହାତରେ ଟଙ୍କା ପାଞ୍ଚ ଶହ ଧରାଇଦେଇ ଆଦେଶ ଦେଲେ- 'ଯା, ପଳା ଏ'ଠୁ।'

ଟଙ୍କା ପାଞ୍ଚଶହକୁ ଧରି ସୁରେନ୍ଦ୍ର ଘଡିଏ ଠିଆହେଲା ମା' ଦୁର୍ଗା ମେଡିସିନ୍ ଦୋକାନ ବାହାରେ। ତାକୁ ତିନି ବର୍ଷ କାଳ ବଞ୍ଚିବାର ଖୋରାକ୍ ଯୋଗାଇଥିବା ଦୋକାନ ଓ ମାଲିକକୁ ନିରେଖି ଚାହିଁଲା। ଏବଂ ବୁଲିପଡି ଫେରି ଆସୁ ଆସୁ ଭାବିଲା- ସତରେ କ'ଣ ସେ ପାଗଳ ହୋଇଯାଇଛି?

ହାତରେ ଧରିଥିବା ଏ ଜିନିଷଟି କ'ଣ? ସେ ଭଲଭାବେ ଦେଖିଲା। ଜୀବନକୁ ବଞ୍ଚିବାର ମାନ୍ୟତା ପ୍ରଦାନ କରୁଥିବା ଅଭିନବ ଐଶ୍ୱର୍ଯ୍ୟ ନା ପୁଳାଏ ମାମୁଲି କାଗଜ? କ'ଣ ମିଳେ ଏଥିରୁ? ସୁଖ ମିଳେ ନା ଦୁଃଖ? ଶାନ୍ତି ନା ଅଶାନ୍ତି? ଖାଦ୍ୟ ନା କ୍ଷୁଧା?

ଏବଂ ଗୋଟେ ସିଦ୍ଧାନ୍ତରେ ଉପନୀତ ହେଲା ଯେ ଏହା ଗୋଟେ ଭୟଙ୍କର ଜିନିଷ। ଏଭଳି ଜିନିଷକୁ ପାଖରେ ରଖିବା ମହାଡେଞ୍ଜର। ଏହାରି ପାଇଁ ନଟଦାସ ତାଙ୍କ ଜମିଜମା, ଘରଡିହ ହଡପ କଲା, ଏଇଥିପାଇଁ ପରଘରେ ଖଟି ଖଟି ତା' ବାପା ମଲା, ଏଇଥିପାଇଁ ମମତା ତାକୁ ଛାଡି ଚାଲିଗଲା...। ଅତଏବ, ସେ ଭାବିଲା- 'ଦୁଃଖ, ଅଶାନ୍ତି ଓ କ୍ଷୁଧାର ଅନ୍ୟନାମ ହେଲା 'ଟଙ୍କା' ବୋଲି ଜାହିରଧ କରୁଥିବା ଏ ପୁଳାଏ କାଗଜ। ଯାକୁ ଚିରିଦେବା କିମ୍ବା ନିଆଁ ଲଗାଇ ଦେଲେ ସବୁ ଅଶାନ୍ତିର ପରିସମାପ୍ତି।

ଗୋଟେ ଜଳଖିଆ ଦୋକାନ ସାମ୍‌ନାରେ ସେ ଠିଆହେଲା। ମାଗିଲା ଗୋଟେ ଡିଆସିଲି। ମାଲିକ ଦେଇଥିବା ପାଞ୍ଚ ଖଣ୍ଡ ଶହେ ଟଙ୍କିଆ ନୋଟ୍‌ରେ ନିଆଁ ଧରାଇଦେଲା ସେଠି ଉପସ୍ଥିତ ଦଶବାର ଜଣ ଆବାକ୍ ଦର୍ଶକଙ୍କ ସାମନାରେ। ନୋଟ୍ ଗୁଡିକ ଜଳିଜଳି ଅଙ୍ଗାର ହେବା ପରେ ଏକ ଆତ୍ମ ସନ୍ତୋଷର ହସ ବାହାରି ଆସିଲା ତା' ଛାତି ଭିତରୁ। ରାଜକୀୟ ଠାଣିରେ ସେ ଫେରିପଡିଲା, ସତେ କି ଦୁନିଆର ଯାବତୀୟ ଦୁଃଖ, ଅଶାନ୍ତିକୁ ସେ ଚିରଦିନ ଲାଗି ବିଦାୟ ଦେଇ ସାରିଛି!

'ପାଗଳ। ବଦ୍ଧ ପାଗଳଟା!' ଦର୍ଶକଙ୍କ ମଧ୍ୟରୁ କେହିଜଣେ କହି ଉଠିଲା। ଫେରି ଯାଉଥିବା ପାଦ ଥମ୍ କରି ଅଟକିଗଲା। ବୁଲିପଡି ସୁରେନ୍ଦ୍ର ଚାହିଁଲା ଏପରି ଦାୟିତ୍ୱହୀନ ମନ୍ତବ୍ୟକାରୀ ଆଡେ। ତା' ହାତ ଖୁଜୁଖୁଜୁ ହେଲା। ଆଖି ରକ୍ତବର୍ଣ୍ଣ ଧାରଣ କଲା ଏବଂ ତମାମ୍ ଶରୀର କମ୍ପି ଉଠିଲା ପ୍ରଚଣ୍ଡ ଏକ କ୍ରୋଧରେ। ନଇଁପଡି ତଳୁ ଉଠାଇଲା ଗୋଟେ ବଡ଼ ମାଙ୍କଡା ପଥର ଢେଲା। ଲୋକଟିର ମୁଣ୍ଡକୁ ଚାହିଁ ଫୋପାଡିଲା ଏତେ ଜୋରରେ ଯେ ତାହା ମୁଣ୍ଡରେ ନ ବାଜି ଦୋକାନ କାନ୍ଥରେ ବାଜିଲା ଏବଂ ଅତଡାଏ ପଲସ୍ତରା ଖସାଇ ପକାଇଲା। ମୁଣ୍ଡରେ ବାଜିଥିଲେ ମୁଣ୍ଡ ବୋଲି କୁହାଯାଉଥିବା ଗୋଲାକାର ଜିନିଷଟିର ଛତରଛାଳ ଅବସ୍ଥା ହୋଇଯାଇଥା'ନ୍ତା।

'ଧରବେ ଶଳା ପାଗଳକୁ'-! କହି ଦୁଇଚାରିଟା ଟୋକା ତା' ଆଡ଼କୁ ଦୌଡ଼ି ଆସିଲେ। ନିଜକୁ ଅସୁରକ୍ଷିତ ମନେକରି ସୁରେନ୍ଦ୍ର ଧାଇଁଲା। ଧାଇଁଲା ଖାଲ ଢିପ ନ ମାନି। ଧାଇଁଲଶ ଦିନରାତି ନ ମାନି। ଧାଇଁଲା ପୋଷାକ ପରିଚ୍ଛଦ ପ୍ରତି ଧ୍ୟାନ ନ ଦେଇ। କେବଳ ଧାଇଁଲା ଓ ଧାଇଁଲା।

ଏବଂ ଧାଇଁ ଧାଇଁ କେଉଁଦିନ ସେ ଆସି ନିଜ ଗାଁ'ରେ, ପହଞ୍ଚି ଯାଇଛି, ସେ ଖିଆଲ ତା'ର ନାହିଁ। ଅନ୍ଧାର ଭିତରେ ବୁଡିଯାଇଥିଲା ଚଉଦିଗ। ସେ ବସିପଡିଲା ପିଣ୍ଡାରେ। ଧଇଁ ସଇଁ ହେଉଥିବା ତା' ଦେହରେ ଖଣ୍ଡେ ଚିରା ପ୍ୟାଣ୍ଟ ବ୍ୟତୀତ ଆଉ କିଛି ନଥିଲା। ତାକୁ ଭୀଷଣ ଶୋଷ ଲାଗୁଥିଲା, ତା' ସହିତ ଭୋକ ମଧ୍ୟ। କେହି ଟୋପାଏ ପାଣି ଦିଅନ୍ତା ନି! କବାଟରେ ହାତ ବାଡ଼େଇଲା ଢ଼ାଏ ଢ଼ାଏ। ଏଇଟା କାହା ଘର?

ଭିତରୁ ଶୁଭିଲା - କିଏ?

'ପାଗଳ!' -ଶୁଭିଲା ଉତ୍ତର।

କବାଟ ଖୋଲିଦେଲା ବୁଢ଼ୀ ଲୋକଟି। କିଏ ବସିଚି ପିଣ୍ଡାରେ? ଲଣ୍ଠନଟାକୁ ଟେକି ଧରିଲା। କିଏ? ଏତେ ରାତିରେ କିଏ ତମେ ବାପ? ଦେହହାତ ଖଣ୍ଡିଆ ଖଶବରା। ଆଣ୍ଠୁ ଗଣ୍ଠି ଛିଡି ରକ୍ତ ବହୁଚି। ମୁଣ୍ଡ ନୁଖୁରା। ତୁ କିଏ ବାପ? ପେଟ ଯାଇ ପିଠିରେ ଲାଗିଛି। ଆଖି କୋରଡରେ ପଶିଯାଇଛି। ମୁହଁ ରୁଢ଼ରେ ଭର୍ତ୍ତି ହୋଇଛି। ଗାଲ ଭିତରକୁ ପଶିଯାଇଛି। ତୁ କିଏରେ ଧନ??

ପରେ ପରେ ଏକ ବୁକୁଫଟା କାନ୍ଦଣା ସ୍ତବ୍ଧ କରିଦେଲା ଚତୁର୍ଦ୍ଦିଗକୁ। ପୃଥିବୀ ସୃଷ୍ଟିହେବା ପରଠାରୁ ଏପରି ଯନ୍ତ୍ରଣା ଜର୍ଜରିତ କାନ୍ଦଣାଟେ ସୃଷ୍ଟି ହୋଇନଥିଲା କେବେ। ନିଦ୍ରାରେ ଅଚେତନ ହୋଇପଡିଥିବା ପାଟପୁର ଗାଁ' ଚେଇଁ ଉଠିଲା ସେ ମର୍ମଥରା କାନ୍ଦଣାରେ। ଚହଲିଗଲା ନିବିଡ ଅନ୍ଧକାର। ପୁଅକୁ କୁଣ୍ଢାଇ ଧରି ବୋଉ ଗଁ ଗଁ ହୋଇ କାନ୍ଦୁଥିବା ବେଳେ ସୁରେନ୍ଦ୍ର କହିଲା- ସ୍...ସ୍... ଜମା ପାଟି କରନା... କବାଟ ବନ୍ଦ କରିଦେ... ତୁ କିଏ କି? ମୋ ବୋଉଟି! ହଁ ହଁ ତୁ ମୋ ବୋଉ... ହେ ବୋଉ... ମତେ ଟିକେ କୋଉଠି ଲୁଚାଇ ଦେ... ମତେ ଟିକେ ଶୁଆଇ ଦେ... ମୁଁ ଶୋଇବି। ଭାରି ନିଦ...। ମୁଁ ଶୋଇପଡିବି ତୋ କୋଳ ଭିତରେ.... ମତେ ପ୍ରବଳ ନିଦ... ମୁଁ ଶୋଇପଡିବି ତୋ ଛାତି ଉପରେ... ମତେ ପ୍ରଚଣ୍ଡ ନିଦ।"

ତିରିଶ ବର୍ଷର ଭେଣ୍ଡା ପୁଅକୁ କଅଁଳା ଛୁଆଟିଏ ପରି ବୋଉ ଜାକି ଧରିଲା ତା' କୋଳରେ। ଆଉଁଷି ଦେଲା ତା' ଦେହମୁଣ୍ଡ। ଝାଡ଼ିଦେଲା ଧୂଳି। ମୁଣ୍ଡ କୁଣ୍ଡାଇଦେଲା। ଗୁଣ୍ଡା ଗୁଣ୍ଡା କରି ଖୁଆଇ ଦେଲା। ଶୁଆଇ ପକାଇଲା। ତା ନିର୍ଭୟ କୋଳ ଭିତରେ। ଶୁଆଇ ଦେଉଦେଉ ଅୟୁତ ଯୁଗର ଲୁହ ଝରିଆସୁଥିଲା ତା ଆଖିରୁ।

(କ୍ରମଶଃ)

# ବେଦନାର ରୂପରେଖ



**ପ୍ରଣତୀ ମିଶ୍ର**

ହୃଦୟ ବେଦନା
ମନ ଅନୁକୋଣେ
କୋହ ରୂପେ ଜମାହୁଏ
ସେହି କୋହ କେବେ
ବାରି ଧାରାସମ
ନୟନରୁ ଝରିଯାଏ।
ଲୋତକ ନୁହେଁ ସେ
ଶ୍ରାବଣର ଧାରା
ଆବେଗରେ ବହିଯାଏ।

ଅଧର ପାରୁଶେ
ଧୀରେ ଧୀରେ ଯାଇ
ଉଷ୍ମ ଚୁମ୍ବନ ଦିଏ।
କେବେ ସେ ଆବେଗ
କେବେ ଅନୁରାଗ
ବେସୁରା ରାଗିଣୀ ଗାଏ।
ବେଦନାର ଅଶ୍ରୁ
ଅଧରକି ବୁଝେ
ଖିଆଲରେ ହଜିଯାଏ।

ମନ ଆଇନାରେ
ପ୍ରତିବିମ୍ବ ଦେଖି
ହୃଦୟ ଚମକି ଯାଏ।
ଦରଦୀ ହୃଦୟ
ଗୋପନ ଭାଷାକୁ
କାଳେ ବୁଝି ନେବ କିଏ?
ଗୋପନ ଭାଷାକୁ

ଗୋପନେ ରଖି ସେ
ଭଗ୍ନ କୋଣାରକ ସମ।
ଅସ୍ତିତ୍ୱକୁ ତାର ହଜାଇ ପାରେନା
ଜୀବନ ଲାଗେ ବିଷମ।
ଜୀବନ ବୀଣାର
ସପ୍ତସ୍ୱର କରେ
ହୃଦୟକୁ ଆନ୍ଦୋଳିତ।

ବୀଣାର ଝଙ୍କାର
ସ୍ୱରର ମୂର୍ଚ୍ଛନା
ମନ କରେ ପ୍ରତିହତ।
ମନ ଓ ହୃଦୟ
ବେଦନା ବିଧୁର
ନୟନ ତା ନିଦର୍ଶନ।
ନୟନ କୋଣରୁ ଝରଇ ଲୋତକ
ହୃଦୟ ହେଲେ ଦହନ।

*ଢେଙ୍କାନାଳ*



# ଫେରି ଆସିଲା ଚମ୍ପାର ଦିନ

**ମୂଳ : ସନ୍ତୋଷ ଶ୍ରୀବାସ୍ତବ**
**ଅନୁବାଦ : ପାରମିତା ଷଡଙ୍ଗୀ**



**ଘ**ର ଅଗଣାରେ
ଗୋଟେ କୋଣରେ ଥିଲା ଚମ୍ପାଗଛ
ସେ ବର୍ଷ
ଫୁଲ ରେ ଲଦି ହେଇ ଯାଇଥିଲା
ଗୋଟେ କାରଓ୍ୱା ବିତି ଯାଉଥିଲେ
ମୋ ଭିତରେ
କେତେଟା ସାଧବ ବୋହୂ ବି
ଚାଲି ଆସିଥିଲେ ମୋ ପାଖକୁ

କେତେ ବର୍ଷ ଯାଏ
ସେ ଧୂଳି, ସେ ସାଧବ ବୋହୂ
ମୋତେ ଡାକି ରଖିଥିଲେ
ଶାନ୍ତିରେ ରହିବାକୁ ଦଉ ନଥିଲେ
ଲକ୍ଷହୀନ ପାଦର ଖୋଜାଣକୁ (ତଲାଶକୁ)
ପୂର୍ଣ୍ଣଚ୍ଛେଦ ମିଳି ନଥିଲା

ଘରର ସେଇ ଚାରି କାନ୍ଥ ଭିତରକୁ
ଆଜି ଫେରିଲି
କାନ୍ଥ ଗୁଡିକ କାନ୍ଦିବାକୁ ଲାଗିଲେ

ଚୁପଚାପ୍ ଥିବା ମୋ ମାଟିରେ
ଠିକ ସେତିକିବେଳେ ପାଦ ରଖିଲା
ମଖମଲି ସ୍ୱରଟେ

ଏବେ ବସନ୍ତ ଋତୁ ବିନା
ଚମ୍ପା ପୁଲକିତ ହେଲାଣି
ସେଇ ଧୂଳି ସବୁ ହାରି ଗଲେଣି
ମହକ ଦେହରେ ମିଶି ଗଲାଣି
ଧୀରେ ଧୀରେ ହୃଦୟର ସ୍ପନ୍ଦନ
ସ୍ପନ୍ଦିତ ହେଲାଣି।

*ଗୁହାଳପଡା, ନିମାପଡା, ପୁରୀ*
*ଦୂରଭାଷ : ୮୮୫୦୧୯୯୩୪୯*



# ହସ ଲୁହର ଜୀବନ

**ବିଷ୍ଣୁ ପ୍ରସାଦ ପଟ୍ଟନାୟକ**

**ସ**ମୟ ତ ଦିନେ ହାତ ପାପୁଲିରେ
ପୋଛି ଦେଇ ଯିବ ଚିହ୍ନ
ତୁମେ ବି ଜାଣିଛ, ମୁଁ ବି ଜାଣିଛି
ସମୟଟା ବଳବାନ।
ଜୀବନର ଏଇ ଛାଇ ଆଲୁଅରେ
ସମୟ ତ ସରିଯିବ
ମୁଁ ଫେରିଯିବି, ତୁମେ ଫେରିଯିବ
ଆମ ଗୀତ ରହିଥିବ
ହୁଏ ତ ଏ ଗୀତ ଆମର ଅତୀତ
ବର୍ତ୍ତମାନର ଚିହ୍ନ
ତୁମେ ବି ଜାଣିଛ, ମୁଁ ବି ଜାଣିଛି
ସମୟଟା ବଳବାନ।
ଏ ମାଟି ଉପରେ କେତେ କେତେ କଥା
ହେଉଛି ଭଙ୍ଗା ଗଢା
ପୁଣି କେତେ କଥା ନୂତନ ରୂପରେ
ହୋଇଅଛି ଏବେ ଛିଡା
ଆଜି ତ ନଥିବ ଆଗାମୀ କାଲିକୁ
ହେବ ଅତୀତର ଚିହ୍ନ
ତୁମେ ବି ଜାଣିଛ, ମୁଁ ବି ଜାଣିଛି
ସମୟଟା ବଳବାନ।

*୩୦୧, କନକଲକ୍ଷ୍ମୀ ଆପାର୍ଟମେଣ୍ଟ*
*ଜି.ଜି.ପି.ଛକ, ଭୁବନେଶ୍ୱର*
*ଦୂରଭାଷ : ୯୭୭୬୨୩୮୨୨୮*

# ସାଧବ ବୋହୂ

**ମାଙ୍ଗଳିକା ମହାପାତ୍ର**



ହୃଦୟ ମୋ ଭରିଥିଲା ଅନାବନା ଘାସରେ
ସେଥିରେ କଅଁଳ ମନ ମୋର..
ଲାଲ୍ ଟୁକୁଟୁକୁ ସାଧବ ବୋହୂ ସାଜି
ଖୋଜୁଥିଲା ଟିକେ ଛିଟା ବର୍ଷାର..
ଆସିଲ ନେଇ ତୁମେ ଧାରା ଶ୍ରାବଣର
ଭିଜାଇଦେବାକୁ ତନୁମନ ସାଧବ ବୋହୂର
ତୃଷା ମେଣ୍ଟାଇବାକୁ ଅନାବନା ଘାସର..
ଦେବାକୁ ତା'ରେ ଶୀତଳତାର ସମ୍ଭାର
ସାଧବ ବୋହୂକୁ ଆପଣେଇ ନେଲା ବେଳେ
କେବେ କଣ ଭାବିଥିଲ...!
ସେ ଲାଗିବ ଏତେ ନିଜର!
ଜୀବନଟା କରିଦେବ ନାଁ ରେ ତୁମର...
ଅନାବନା ଘାସରେ ଦେଇ ପ୍ରୀତିର ସ୍ପର୍ଶ
ଭରିଲ ଯେ ସେଥିରେ ପ୍ରାଣ ସବୁଜିମାର
ସାଧବ ବୋହୂକୁ କରି ନିଜର
ଦେଲ ପ୍ରେମ ତାକୁ ଜୀବନସାରାର।

*ପ୍ଲଟ୍ ନଂ.:-୩୫୩, ପ୍ରଶାନ୍ତି ବିହାର, କିଟ୍,*
*ଭୁବନେଶ୍ୱର*

# ଦାଦନ-ଏକ ଅଭିଶାପ

**ସୁବ୍ରତ ମଲିକ**



ଅମର ଗ୍ରାଜୁଏଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ନିଜର ସମାସ୍କନ୍ଧ ସାଙ୍ଗମାନଙ୍କ ସହିତ ଚିରାଚରିତ ଭାବରେ ଖଣ୍ଡିଏ ସରକାରୀ କି ବେସରକାରୀ ଚାକିରି ପାଇବା ଆଶାରେ ଏ ଅଫିସରୁ ସେ ଅଫିସ ଧାଇଁବାକୁ ଲାଗିଲା। କାହା ପାଦର ପାରାଗନ ଅଫିସ ଚପଲ ତ କାହାର ବାଟା ସ୍ୟାଣ୍ଡାଲ ଚପଲ ନୂତନତ୍ୱ ପରିତ୍ୟାଗ କରି ଖରା ଦିନେ ବିଲ ଫାଟି ଆଁ କଲା ପରି ତ କାହାର ଏକାଦଶୀ ଚାନ୍ଦ ପରି କଣା ହୋଇଗଲା, କିନ୍ତୁ ବେରୋଜଗାରୀର କଳଙ୍କିତ ଦାଗ ସେମାନଙ୍କ ଦେହରୁ ଛାଡିବାର ନାମ ହିଁ ଧରିଲାନି। ଅର୍ଥ ଅଭାବରୁ ପରିବାରର ବିବିଧ ସାଧାରଣ ସମସ୍ୟା ମଧ୍ୟ ଆଜିକାର ପେଟ୍ରୋଲ ଡିଜେଲ ଦର ପରି ସବୁବେଳେ ବଢ଼ିବାକୁ ଲାଗିଲା। ଏହିପରି ନିଜର ଗୁଜୁରାଣ ମେଣ୍ଟାଇବାକୁ ଲାଗିଲେ। ଆଉ କେତେ ଜଣ ଗୁଜୁରାଟ, ତାମିଲନାଡୁ, କେରଳ ପରି ରାଜ୍ୟକୁ ଦାଦନ ଖଟିବାକୁ ଚାଲିଗଲେ। କେତେ ବା ଆଉ ମରୀଚିକା ପଛେ ଧାଇଁ ଧାଇଁ ଧଇଁସଇଁ ହୋଇଥାନ୍ତେ? କେବଳ ଦୌଡିବାଟା ହିଁ ସାର। ଆଜିର ଯୁଗରେ ଚାକିରୀଟିଏ ଖୋଜିବା ମରୁଭୂମିରେ ମୁନ୍ଦେ ପାଣି ଖୋଜିବା ସହ ସମାନ। ଆମ ଦେଶ ତଥା ରାଜ୍ୟରେ ଯେଉଁ ମାତ୍ରାରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି, ସେହି ଅନୁସାରେ ସରକାରୀ କି ବେସରକାରୀର ସଂସ୍ଥାରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରୁନାହିଁ। ଏହା ହିଁ ବେକାରୀ ବା ବେରୋଜଗାରୀ ବୃଦ୍ଧି ହେବାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ।

ଏହାରି ଭିତରେ ଗୋଟିଏ ବୋଲି ସାନ ଭଉଣୀ ଆୟାଶା ପାଇଁ ଏକ ଲବ୍ଧ ପ୍ରତିଷ୍ଠିତ ପରିବାରରୁ ବାହାଘର ପ୍ରସ୍ତାବ ଆସିଲା। ପିଲାଟି କେଉଁ ଏକ ଜାତୀୟ ବ୍ୟାଙ୍କରେ ମ୍ୟାନେଜର ରୂପେ କାର୍ଯ୍ୟ କରୁଥିଲା। ବର ପକ୍ଷରୁ ଯୌତୁକ ଆକାରରେ ନଗଦ ଦୁଇଲକ୍ଷ ଟଙ୍କା, କାର, ଉଭୟ ବର କନ୍ୟାକୁ ବିଭିନ୍ନ ସୁନା, ରୁପା ଅଳଙ୍କାର ସହ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ଦେବା ପାଇଁ ଦାବି କଲେ। ନିଜ ପସନ୍ଦ ମୁତାବକ ପ୍ରସ୍ତାବଟେ ମିଳିଯାଇଥିବାରୁ ବାପ-ପୁଅ ସେମାନଙ୍କ ଦାବିକୁ ସମ୍ମତି ଜଣାଇ ଆସନ୍ତାବର୍ଷ ଭଲ ତିଥି, ଲଗ୍ନ, ବାର ଦେଖି ବାହାଘର ସାରି ଦେବା ପାଇଁ ରାଜି ହୋଇଗଲେ। ହେଲେ ଏତେ ଟଙ୍କା ଆଣିବେ କେଉଁଠୁ? ପାଖରେ ତ ନଗଦ ଟଙ୍କାଟିଏ ବି ନାହିଁ। ବାପାଟି ତାର ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ବିଲରେ ଧାନ, ମୁଗ ଚାଷ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ତାକୁ ଏତେ ବାଟ ଆଗକୁ ଆଣିଥିଲା। ସେଥିରୁ ଉପାର୍ଜିତ ଅଧିକାଂଶ ଅର୍ଥ ଦୁଇ ପିଲାଙ୍କର ପାଠ ପଢ଼ାରେ ଖର୍ଚ୍ଚ କରିବା ସତ୍ତ୍ୱେ ଆଡମିଶନ, ଫର୍ମ ପୂରଣ, ହଷ୍ଟେଲ ଖର୍ଚ୍ଚ ଇତ୍ୟାଦି ପାଇଁ ସାହି ପଡିଶାଠୁ ଆରମ୍ଭ କରି ବନ୍ଧୁବାନ୍ଧବ ପର୍ଯ୍ୟନ୍ତ ଧାର ଉଦ୍ଧାର କରିବାକୁ ପଡୁଥିଲା। ତେଣୁ ପିଲାମାନଙ୍କ ବାହାଘର ପାଇଁ ଅର୍ଥ କେମିତି ବା କେଉଁ ବ୍ୟାଙ୍କ, ପୋଷ୍ଟ ଅଫିସ କି ଅନ୍ୟ କେଉଁଠି ବାନ୍ଧି ରଖିଥାନ୍ତେ? ଏଣେ ପୁଣି ପିଲାଙ୍କର ପାଠପଢ଼ା ସରୁ ସରୁ କେଉଁ ଏକ ଅଜଣା ଦୂରବାଧ୍ୟ ରୋଗରେ ସେ ପୀଡିତ ହୋଇଗଲେ। ସେଥିପାଇଁ ଡାକ୍ତରଖାନା ଯିବା, ଔଷଧ କିଣିବା ଆଦିରେ ମାସକୁ ଗୁଡାଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏଣେ ବୟସ ବଢ଼ିବା ସହିତ ଆଉ ଆଗ ଭଳି ଭଲ ଭାବରେ ଚାଷ ବାସ କରିପାରୁ ନଥିଲେ। ଗୋଟିଏ ବୋଲି ପୁଅ ହିସାବରେ ଅମର ଉପରେ ଘରର ସମସ୍ତ ଦାୟିତ୍ୱ ଲଦି ହୋଇପଡିଲା। ଯେଉଁ ବୟସରେ ଯୁବକମାନେ ନିଜର କର୍ମ ଓ କର୍ତ୍ତବ୍ୟ ସମ୍ପର୍କରେ ଅସେଚତନ ହୋଇ ଯୁବ ସୁଲଭତା ବୟସରେ ଭାସି ଯାଇ ଦିନରେ ବି ସୁନ୍ଦରୀ ପ୍ରଜାପତିମାନଙ୍କ ରଙ୍ଗୀନ ସ୍ୱପ୍ନରେ ବିଭୋଗର ହୋଇ ମସଗୁଲ ହୋଇଉଠନ୍ତି, ସେହି ବୟସରେ ଅମର ଜଣେ କର୍ତ୍ତବ୍ୟନିଷ୍ଠ ଯୁବକ ଭାବରେ ଦୁନିଆ ଆଗରେ ଠିଆ ହୋଇ ନିଜ ତରୁଣ କାନ୍ଧରେ ଘରର, ପରିବାରର ବୋଝକୁ ଥୋଇ ଦେଇ ନିଜ ଗୋଡରେ ଛିଡା ହେବାକୁ ପ୍ରୟାସ କରୁଥିଲା।

ସୁଦୂର ସୁରଟରେ ଦାଦନ ରୂପେ କାମ କରୁଥିବା ଅମରର କେତେ ଜଣ ସାଙ୍ଗ ରଜ ସମୟରେ କମ୍ପାନୀରୁ କିଛିଦିନ ଛୁଟି ନେଇ ଗାଁକୁ ଫେରିଥିଲେ। ସାଙ୍ଗମାନଙ୍କ ସହ ସଞ୍ଜ ବେଳେ ଦିନେ ଖଟି ଚାଲିଥିବା ବେଳେ ଅମର ପାଖକୁ ସବୁ କଥା ଶୁଣି ସାରି ତାକୁ ଗଲା ବେଳେ ସାଥିରେ ନେଇଯିବା ପାଇଁ ସମାନେ ନିଷ୍ପତ୍ତି ନେଲେ। ପ୍ରଥମେ ପ୍ରଥମେ ଅମଙ୍ଗ ହେଉଥିବା ଅମର ଭଉଣୀର ବିଭାଗର ପାଇଁ ଆବଶ୍ୟକ ଟଙ୍କା ସଞ୍ଚୟ କରିସାରିବା ପରେ ଆସନ୍ତା ରଜ ପୂର୍ବରୁ ଫେରି ଆସିବା ପାଇଁ ସର୍ତ୍ତ ରଖି ସେମାନଙ୍କ ସହ ଯିବା ପାଇଁ ରାଜି ହୋଇଗଲା। ଛୁଟି ସରିଗଲା ପରେ ସେମାନଙ୍କ ସାଙ୍ଗରେ ଟ୍ରେନରେ ବସି ଅମର ବି ପ୍ରଥମଥର ପାଇଁ ନିଜ ରାଜ୍ୟ ଛାଡି ଅନ୍ୟ ରାଜ୍ୟ ଯିବାକୁ ବାହାରିପଡିଲା। ସେଠାରେ ପହଞ୍ଚିବା ପରେ ପୂର୍ବ କଥା ମୁତାବକ ଅମରକୁ ତା'ର ସାଙ୍ଗମାନେ ଏକ କମ୍ପାନୀରେ କାମ ଯୋଗାଇଦେବା ସହ ତା ପାଇଁ ରହିବାର ସମସ୍ତ ବନ୍ଦୋବସ୍ତ କରିଦେଲେ। ଯେଉଁ ହାତରେ କଲମ ଧରି କେଉଁ ସରକାରୀ କି ବେସରକାରୀ ଅଫିସରେ ଚୌକି ଉପରେ ବସି ବିଭିନ୍ନ ଦସ୍ତାବିଜରେ ଦସ୍ତଖତ କରିବାକୁ ସେ ସ୍ୱପ୍ନ ଦେଖିଥିଲା, ଆଜି ସେହି ହାତରେ ତାକୁ ଆଗରୁ ଆଖି ଦେଖିନଥିବା ଜିନିଷ ଧରିବାକୁ ପଡୁଥିଲା। ଦିନ ପରେ ଦିନ ଗଡିଚାଲିଲା। ମାସ ଶେଷରେ ମିଳୁଥିବା ଟଙ୍କାରୁ କିଛି ଘର ଖର୍ଚ୍ଚ ପାଇଁ ବାପାଙ୍କ ନିକଟକୁ ପଠାଇ ନିଜ ଖର୍ଚ୍ଚ ବାଦ ବଳକା ଟଙ୍କାକୁ ସଞ୍ଚୟ କରି ରଖୁଥିଲା। ଏହିପରି କିଛିମାସ ଭଲରେ ଭଲରେ ବିତିଗଲା ପରେ ଫେବୃଆରୀ ମାସରେ ଦିନେ ତା'ର ବାପା ଫୋନ୍ କରି କହିଲେ ତୋ ଭଉଣୀର ବାହାଘର ତାରିଖ ଠିକ୍ ହୋଇଯାଇଛି। ଆସନ୍ତା ଏପ୍ରିଲ ମାସ ୧୫ ତାରିଖରେ ବାହାଘର କଲେ ଭଲ ହେବ ବୋଲି ଗାଁ ଜ୍ୟୋତିଷ ଜାତକ ପକାଇ କହିଯାଇଛି। ତେଣୁ ତୁ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଗାଁକୁ ଫେରିଆସିବୁ। ବାହାଘର ପାଇଁ ଆବଶ୍ୟକ ଟଙ୍କା ବି ପାଖାପାଖି ଯୋଗାଡ ହୋଇଗଲାଣି। ସବୁ କାମ ତୋତେ ହିଁ କରିବାକୁ ହେବ। ଅମର ମଧ୍ୟ ବାପାଙ୍କ କଥାରେ ସହମତି ପ୍ରକାଶ କରି ଫୋନ ରଖିଦେଲା ଓ ସେହି ଅନୁସାରେ ଘରକୁ ଫୋନ ପାଇଁ ମୋବାଇଲରେ ଆଗୁଆ ଟ୍ରେନ୍ ଟିକଟ ବୁକ୍ କରିଦେଇ ରାତି ଆକାଶେ ତାରା ଗଣିବା ପରି ଦିନ ଗଣିବାକୁ ଲାଗିଲା।

ହେଲେ ବିଧିର ବିଧାନ ଥିଲା କିଛି ଅଲଗା। ଦଇବ ବୋଧେ ଚାହୁଁନଥିଲା ଅମର ଗାଁକୁ ଫେରି ନିଜ ଭଉଣୀର ବାହାଘର କର୍ମ ସମ୍ପାଦନ କରୁ। କରୋନା ଭୂତାଣୁ ପ୍ରକୋପ ବୃଦ୍ଧି ଯୋଗୁଁ ସମଗ୍ର ଦେଶରେ ହଠାତ୍ ଲକଡାଉନ୍ ଆରମ୍ଭ ହୋଇଗଲା। ଲକଡାଉନ୍ ଯୋଗୁଁ ବୈଶାଖ ମାସର ଝାଞ୍ଜି ଖରାବେଳ ପରି ଜୀବନଯାତ୍ରା ଠପ୍ ହୋଇଗଲା। ବସ୍, ଟ୍ରେନ୍, ଉଡାଜାହାଜ ପରି ଗମନାଗମନର ମାଧ୍ୟମ ବନ୍ଦ ହୋଇଯିବା ସହ ସ୍କୁଲ, କଲେଜ, ସରକାରୀ ଅଫିସ ଛୁଟି ହୋଇଗଲା। ୨୪ ଘଣ୍ଟା ଅନବରତ କାର୍ଯ୍ୟ କରୁଥିବା କଳାକାରଖାନା, ଖଣିଠାରୁ ଆରମ୍ଭ କରି ଛୋଟ ବଡ କମ୍ପାନୀଗୁଡିକ ମଧ୍ୟ ଧୀରେ ଧୀରେ ବନ୍ଦ ହୋଇଗଲା। ବିନା କୌଣସି ପ୍ରାକ୍ ସୂଚନାରେ କେହି କିଛି ବୁଝିବା ଆଗରୁ ଲକଡାଉନ ଘୋଷଣା ଯୋଗୁଁ ସମସ୍ତେ ଏକପ୍ରକାରର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଲେ। ଧନୀ-ଦରିଦ୍ର, ବାଳୁତ-ବୃଦ୍ଧ, ଶ୍ରମିକ-ମାଲିକ, ଶାସକ-ଶୋଷିତ କେହି ଏଥିରୁ ବାଦ ପଡିଲେନି। ପରନ୍ତୁ ସବୁଠାରୁ ଅଧିକ ଦୁଃଖ କଷ୍ଟକୁ ସହ୍ୟ କଲେ ପ୍ରବାସୀ ଶ୍ରମିକ ବା ଦାଦନମାନେ। କମ୍ପାନୀରେ କାମ ବନ୍ଦ ହେବା ଯୋଗୁଁ ପାଖରେ ରଖିଥିବା ଟଙ୍କା ମଧ୍ୟ ଆସ୍ତେ ଆସ୍ତେ ଖାଇବା ପିଇବାରେ ସରିବାକୁ ଲାଗିଲା। ମାଲିକ ମଧ୍ୟ କରୋନା ଡରରେ ଦାଦନ ଶ୍ରମିକମାନଙ୍କୁ କମ୍ପାନୀରୁ ବିଦା କରିଦେଲେ। ଏଥିରୁ ଅମର ଓ ତା' ସାଙ୍ଗମାନେ କିପରି ବାଦ୍ ପଡିଥାନ୍ତେ? ଏବେ ରହିବେ କେଉଁଠି, ଖାଇବେ କ'ଣ? ଗାଁକୁ ବି ଫେରିପାରିବେନି। ଅନ୍ୟ ଉପାୟ ନ ପାଇ ସେମାନେ ରେଲୱେ ଷ୍ଟେସନରେ ମୁଣ୍ଡ ଗୁଞ୍ଜିବାକୁ ଲାଗିଲେ। ସତେ ଯେମିତି ସେମାନଙ୍କ ମୁଣ୍ଡ ଉପରେ ସାରା ଆକାଶର ବୋଝ କିଏ ଆଣି ଲଦିଦେଇଛି। ସେଠାରେ କିଛିଦିନ କଷ୍ଟେମଷ୍ଟେ ବିତିଗଲା ପରେ ଅମର ଓ ତା'ର ସାଙ୍ଗମାନେ ନିଷ୍ପତ୍ତି ନେଲେ ସେମାନେ ଯେମିତି ବି ହେଉ ଗାଁକୁ ଫେରିଯିବେ। ଭାଗ୍ୟକୁ ଆଦରି ଏଠି ଆଉ କେତେ ଦିନ ପଡିରହିବେ? ଯାହା ହେବାର ଥିବ ହେବ।

ଦିନେ ବଡି ଭୋରରୁ ସେମାନେ ଟ୍ରେନ୍ ଟ୍ରାକ୍ ଉପରେ ଚାଲି ଚାଲି ନିଜ ଗ୍ରାମାଭିମୁଖେ ବାହାରି ପଡିଲେ। ନିଜ ସାଥିରେ ନିଜ ନିଜର ନିତ୍ୟ ବ୍ୟବହାର ଉପଯୋଗୀ ସାମଗ୍ରୀ ଏବଂ ଚୁଡା, ମୁଢ଼ି, ବିସ୍କୁଟ ପର କେତେକ ଶୁଖିଲା ଖାଦ୍ୟ ପ୍ୟାକେଟ୍ ଓ କିଛି ପାଣି ବୋତଲ ଧରିଥିଲେ, ଯାହାକୁ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନର ଅନୁଗ୍ରହରୁ ରେଲୱେ ଷ୍ଟେସନରେ ଥିଲାବେଳେ ମିଳିଥିଲା। ଯେଉଁଠି ଭୋକ ଲାଗୁଥିଲା ସେଇଠି ଖାଉଥିଲେ, ଶୋଷ ଲାଗିଲେ ପିଉଥିଲେ, ନିଦ ଆସିଲେ ତା'ରି ଉପର ଶୋଇଯାଉଥିଲେ। ଏମିତି କେତେ ଦିନ କେତେ ରାତି ସାଧାରଣ ଭାବେ କଟିଗଲା ପରେ ସେଦିନ ଆସିଲା ଏକ କାଳ ରାତି, ଯାହା ସେମାନଙ୍କ ଜୀବନର ଥିଲା ଶେଷ ରାତି। ପୂର୍ବବତ ଟ୍ରେନ୍ ଟ୍ରାକ ଉପରେ ସମସ୍ତେ ନିଘୋଡ ନିଦ୍ରାରେ ଶୋଇଥିଲା ବେଳେ ମୃତ୍ୟୁର ଦୂତ ସାଜି ଟ୍ରେନ୍‌ଟି ମାଡିଆସିଲା ଏବଂ ଆଖି ପିଛୁଳାକେ ସେମାନଙ୍କ ଶରୀରରୁ ଗଣ୍ଡି ମୁଣ୍ଡ ଅଲଗା କରି ରାତିର ଅନ୍ଧକାରରେ ଅନ୍ତର୍ଦ୍ଧାନ ହୋଇଗଲା। ସକାଳ ହେବାରୁ ଟ୍ରାକ୍ ଉପରେ ଦେଖିବାକୁ ମିଳିଲା ଏଠି ସେଠି ବିକ୍ଷିପ୍ତ ହୋଇ ପଡି ରହିଥିବା ମାଂସ ପିଣ୍ଡୁଳା, କଟା ହାତ, କଟା ଗୋଡ, କଟା ମୁଣ୍ଡ। ଚିହ୍ନିବା କଷ୍ଟକର କେଉଁଟା କାହାର। ରକ୍ତର ଧାର ବହିଯାଇଥିଲା। ସ୍ରୋତସ୍ୱିନୀ ନଦୀଟିଏ ପରି। ସତେ ଯେପରି ପୁଣି ଥରେ କଳିଙ୍ଗ ଯୁଦ୍ଧ ହୋଇଗଲା।



ଭଉଣୀର ବିଭାଘର ଦେଖିବା ପାଇଁ ଯେଉଁ ଆଖି ଦିନେ ସ୍ୱପ୍ନ ଦେଖିଥିଲା, ସେହି ଆଖି ଆଜି ସବୁଦିନ ପାଇଁ ବୁଜି ହୋଇଗଲା। ଯେଉଁ ଗୋଡ ଦିନେ ଦାଦନ ଖଟିବାକୁ ଟ୍ରେନରେ ଉଠି ବସିଥିଲା, ସେହି ଟ୍ରେନ ହିଁ ଶରୀରରୁ ଗୋଡ ଅଲଗା କରିବାକୁ କୁଣ୍ଠାବୋଧ କଲାନାହିଁ। ଯେଉଁ ହାତ ଦିନେ ଭଉଣୀକୁ ଆଶୀର୍ବାଦ ଦେବାକୁ ଉଠିଥାନ୍ତା, ସେହି ହାତ ରକ୍ତରଞ୍ଜିତ ହୋଇ ଟ୍ରେନ୍ ଟ୍ରାକ ଉପରେ ପଡିରହିଥିଲା। କେବଳ ଗୋଟିଏ ରାତି ସେମାନଙ୍କ ଜୀବନରେ ଆସୁଥିବା ସମସ୍ତ ରାତିର ଅନ୍ତ କରିଦେଲା। ଅମର ପରି ତା'ର ସାଙ୍ଗମାନଙ୍କ ସ୍ୱପ୍ନ ମଧ୍ୟ ସ୍ୱପ୍ନରେ ରହିଗଲା। କିଏ ନିଜର ସାନ ଭାଇ ଭଉଣୀକୁ ଅଧିକ ପାଠ ଦି ଅକ୍ଷର ପଢ଼େଇବା ପାଇଁ ସ୍ୱପ୍ନ ଦେଖିଥିଲା ତ କିଏ ନିଜ ଝାଟି ମାଟିର କଳା ଘରକୁ ପକ୍କା କରିବାର, କିଏ ପୁଣି ନିଜ ରୋଗୀଣା ବାପ-ମା'ଙ୍କର ଅପରେସନ କରି ଦୁଃସାଧ୍ୟ ରୋଗର ଯନ୍ତ୍ରଣାରୁ ସେମାନଙ୍କୁ ମୁକ୍ତି ଦେବା ପାଇଁ ତ କିଏ ନିଜ ସତ୍ରୀ ପେଟରେ ବଢୁଥିବା ପିଲାର ଉତ୍ତମ ଭବିଷ୍ୟତର। ଜୀବନର ସମସ୍ତ ଘଟଣା ଦୁର୍ଘଟଣାର ଯବନିକା ପଡିଗଲା ଗୋଟିଏ ଦୁର୍ଘଟଣାରେ। ଭଗବାନ ବୋଧେ ନିଜକୁ ନିଜ ପାଖରେ ଅପଦସ୍ତ ହେବାରୁ ବର୍ତ୍ତିବା ଲାଗି ନିଜ ପାଖକୁ ନେଇଗଲେ। ନ ହେଲେ କ'ର ହୁଏତ କେହି କେବେ ସ୍ୱରଚିତ ସୃଷ୍ଟିର ଗୋଟେ ଅଂଶର ଭାଗ୍ୟରେ ଏତେ ଦୁଃଖ, କଷ୍ଟ, ଯନ୍ତ୍ରଣାର ଏକ ସରଳ ରେଖାଟେ ଟାଣିପାରେ। ସେପଟେ ସକାଳେ ପ୍ରମୁଖ ଖବରକାଗଜର ମୁଖ୍ୟ ପୃଷ୍ଠାରେ ନାଲି ସାହିରେ ବଡ ବଡ ଅକ୍ଷରରେ ଶିରୋମଣ୍ଡିତ କରୁଥିଲା 'ଟ୍ରେନ୍ ଧକ୍କାରେ ଦାଦନ ଶ୍ରମିକମାନଙ୍କ ମୃତ୍ୟୁ।

*ମଙ୍ଗଳପୁର, ଅସୁରାଳି, ଭଦ୍ରକ*
*ଦୂରଭାଷ : ୭୨୦୫୫୩୦୯୨୬*





# ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

**ବାରିପଦା :** ରାଜ୍ୟ ସରକାରଙ୍କ ଜାଗା ମିଶନ (ଲ୍ୟାଣ୍ଡ ମିଶନ) ଯୋଜନାରେ ବାରିପଦା ପୌରାଞ୍ଚଳର ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଂଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ଯୋଗ୍ୟ ହୀତାଧିକାରୀ ଭୂମିହୀନ ବସ୍ତି ବାସିନ୍ଦା ମାନଙ୍କୁ ବାସପଯୋଗୀ ଭୂମି ଅଧିକାର ପ୍ରମାଣପତ୍ର (ପଟ୍ଟା) ଯୋଗାଇ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରାକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ମୟୂରଭଂଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ବାରିପଦା ପୌର ପରିଷଦ ପକ୍ଷରୁ ତା.୧୨.୧୦.୨୦୨୦ରିଖ ପୂର୍ବାହ୍ନରେ ବାରିପଦା ପୌରାଂଚଳର ଭଂଜପୁର ୱାର୍ଡ ନଂ-୨ ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଏବଂ ଶ୍ରୀପଦ୍‌ଗଞ୍ଜ ୱାର୍ଡ ନଂ-୧୩ ସ୍ଥିତ ବହୁମୁଖୀ ଆଶ୍ରୟ ସ୍ଥଳଠାରେ ଆୟୋଜିତ ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମ୍ମାନିତ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଯୋଗଦେଇ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହିତ ଭୂମିହୀନ ବସ୍ତିବାସିନ୍ଦା ଯୋଗ୍ୟ ହୀତାଧିକାରୀମାନଙ୍କୁ ଭୂମି ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜାଗା ମିଶନ ଯୋଜନାରେ ବିଶେଷ କରି ସହରାଂଚଳରେ ବସବାସ କରୁଥିବା ସମସ୍ତ ଭୂମିହୀନ ବସ୍ତି ବାସିନ୍ଦା ମାନଙ୍କୁ ବାସପଯୋଗୀ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର (ପଟ୍ଟା) ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ଉଲ୍ଲେଖ କରିବା ସହିତ ଏହି ଯୋଜନା କାର୍ଯ୍ୟକ୍ରମ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ପୌର ପରିଷଦ ପ୍ରଶାସନ ପ୍ରତେକ୍ଷ୍ୟ ତତ୍ୱାବଧାନରେ ସହରାଂଚଳର ପ୍ରଥମ ପର୍ଯ୍ୟାୟରେ ୪୮୧୭ ଜଣ ଭୂମିହୀନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଉଥିବା ପ୍ରଶଂସା କରିଥିଲେ । ରାଜସ୍ୱ ମନ୍ତ୍ରୀ ଆହୁରି କହିଲେ ଯେ, ସହରାଂଚଳ ଭୂମିହୀନମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ କାରଯାଇଥିବା ଏପରି ଏକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତା ଦ୍ୱାରା ହିତାଧିକାରୀ ମାନଙ୍କ ଜୀବନଧାରଣ ମାନ ଉନ୍ନତି ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବାରିପଦା ବିଧାୟକ ଶ୍ରୀ ସୋରେନ ସହରାଂଚଳ ବସ୍ତି ବାସିନ୍ଦା ଗରିବ ଭୂମିହୀନ ପରିବାର ଏହି ଯୋଜନାରେ ବିଶେଷ ଉପକୃତ ହୋଇ ପାରିବେ ବୋଲି ପ୍ରକାଶ କରିବା ସହିତ ବାରିପଦା ସହରାଂଚଳର ସମସ୍ତ ଭୂମିହୀନମାନଙ୍କୁ ବାସପଯୋଗୀ ଭୂମି ପର୍ଯ୍ୟାୟକ୍ରମେ ଯୋଗାଇ ଦେବା ଦିଗରେ ପୌରପ୍ରଶାସନ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସାଧୁବାଦ୍ ଜଣାଇବା ସଂଗେସଂଗେ ପ୍ରର୍ଯ୍ୟାୟ କ୍ରମେ ବାସପଯୋଗୀ ଭୂମି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପ୍ରଶାସନ ତତ୍ୱାବଧାନରେ ବାରିପଦା ପୌରପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ବାରିପଦା ଉପଜିଲ୍ଲାପାଳ ତଥା ପୌର ନିର୍ବାହୀଧିକାରୀ ପି.ଅନ୍ୱେଶା ରେଡ୍ଡି ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ସୁପରିଚାଳିତ ହୋଇଥିଲା। ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୋଜନା ଜାଗା ମିଶନ ଯୋଜନାରେ ବାରିପଦା ପୌରାଂଚଳର ସମସ୍ତ ୱାର୍ଡରେ ଥିବା ୪୬ଟି ବସ୍ତି ଅଞ୍ଚଳରେ ବସବାସ କରୁଥିବା ଭୂମିହୀନ ପରିବାରମାନଙ୍କୁ ସତନ୍ତ୍ର ଚିହ୍ନଟ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ୭୬୨୫ ଜଣ ଚିହ୍ନଟ କରାଯାଇଥିବାବେଳେ ସେଥିରୁ ୪୮୧୭ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ବାସପଯୋଗି ଭୂମି ଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କାର୍ଯ୍ୟ ତ୍ୱରାନିତ କରାଯାଉଥିବାବେଳେ ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୧୨୧ ଜଣଙ୍କୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଂଟନ କରାଯାଇଥିଲା। ପରବର୍ତୀ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ଯୋଗ୍ୟ ହୀତାଧିକାରମାନଙ୍କୁ ଭୂମି ପ୍ରମାଣ ପତ୍ର ଯୋଗାଇ ଦେବାର ବ୍ୟବସ୍ଥା କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯାଉଅଛି। ଏହାଦ୍ୱାରା ଭୂମିହୀନ ବସ୍ତିବାସିନ୍ଦାମାନେ ବାସପଯୋଗୀ ଜାଗା ପାଇବା ସହିତ ଆବାସ ଯୋଜନାରେ ଘର, ପାଇଖାନା, ପାନୀୟ ଜଳ, ରାସ୍ତା ତଥା ସର୍ବପରି ଜୀବନଜୀବିକା ନିର୍ବାହ ଆଦି ଆନୁସଙ୍ଗିକ ସୁବିଧା ସୁଯୋଗ ପାଇପାରିବାର ବ୍ୟବସ୍ଥା ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଜାଗା ମିଶନ ଯୋଜନା ରାଜ୍ୟର ବିଜ୍ଞାପତ ଅଂଚଳ ଏବଂ ପୌରାଞ୍ଚଳର ବସ୍ତିବାସିନ୍ଦାଙ୍କ କଲ୍ୟାଣ ପାଇଁ ଉଦିଷ୍ଟଥିବା ଏହି ଯୋଜନା ସମଗ୍ର ରାଜ୍ୟରେ ପ୍ରଥମ ହୋଇଥିବାବେଳେ ଏହା ବିଶ୍ୱର ସର୍ବବୃହତ୍ ଯୋଜନା ଭାବେ ପରିଗଣିତ ହୋଇଛି। ଉକ୍ତ ଅନୁଷ୍ଠିତ ଭୂମିଅଧିକାର ଯୋଗ୍ୟତା ପ୍ରମାଣ ପତ୍ର ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ହିତାଧିକାରୀ ମାନେ ଯୋଗ ଦେଇ ପ୍ରମାଣ ପତ୍ର ଗ୍ରହଣ କରିଥିଲେ। ବାରିପଦା ପୌରପାଳିକା ସଂପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ତଥା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାନୁଆରୀ ୧ ସୁଦ୍ଧା...

ନିରାପତ୍ତା ଓ ଐତିହ୍ୟ କରିଡର୍ ମଧ୍ୟରେ ଚାଲିଥିବା କାର୍ଯ୍ୟର ଅନୁଧ୍ୟାନ ତଥା ସମୀକ୍ଷା କରିଛନ୍ତି। ଗତ ଶନିବାର ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଅରୁଣସ୍ତମ୍ଭ ନିକଟରୁ ପତିତପାବନଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। କୋଭିଡ୍ କଟକଣା ଯୋଗୁଁ ଶ୍ରୀପଟ୍ଟନାୟକ ମନ୍ଦିର ବାହାରୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ। ଐତିହ୍ୟ କରଡର୍ ପାଇଁ ଅଧିଗ୍ରହୀତ ଜମିରୁ ଉଚ୍ଛେଦ କାର୍ଯ୍ୟ ମଧ୍ୟ ସେ ନିରୀକ୍ଷଣ କରିଥିଲେ। ପଶ୍ଚିମ ଦ୍ୱାରଠାରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ ମେଘନାଦ ପାଚେରିକୁ ଲାଗି ରହିଥିବା ତାଙ୍କ ଦୃଷ୍ଟିକୁ ଆସିଥିଲା। ଏହା କାହିଁକି ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଉଚ୍ଚ ପଦାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ବୁଝାଇଥିଲେ। ସିଂହଦ୍ୱାରଠାରେ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଲଙ୍ଗୁଳି ମଠ ସମ୍ମୁଖ ବଡ଼ଦାଣ୍ଡରେ ମୁଖ୍ୟମନ୍ତ୍ରୀ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ବଡ଼ଦାଣ୍ଡର ନକ୍ସା ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଫାଇଭ୍ ଟି' ସଚିବ ଭିକେ ପାଣ୍ଡିଆନ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ, ଜିଲ୍ଲାପାଳ ବଲୱନ୍ତ ସିଂ, ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ପ୍ରକାଶ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ହେରିଟେଜ୍ କରିଡର୍ ପାଇଁ ଘୋଷଣା କରିଥିଲେ। ସେବେଠାରୁ ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁ ରହିଛି। ୩ ମାସ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଯିବ। ଏ ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ସହରର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏ ମଧ୍ୟରେ ମ୍ୟୁନିସପାଲ୍ ମାର୍କେଟ୍‌ର ନବୀକରଣ ବା ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଶ୍ରୀସେତୁ ଓ ଜଗନ୍ନାଥ ବଲ୍ଲଭ ସୌଧ ପାଇଁ ଟେଣ୍ଡର୍ ପ୍ରକ୍ରିୟା ସାରିଛି। ଖୁବଶୀଘ୍ର କାମ ଆରମ୍ଭ ହେବ।

## ସମସ୍ତଙ୍କ ପାଖରେ ...

ଦୃଷ୍ଟିରେ ରଖି ସମସ୍ତଙ୍କୁ ଯେପରି ଖୁବ୍‌ଶୀଘ୍ର ଟିକା ଦିଆଯାଇ ପାରିବ ସେଥିପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଟିକା ପ୍ରସ୍ତୁତ ହୋଇଯିବା ପରେ ତାହାକୁ ପହଞ୍ଚାଇବା ଓ ଲୋକମାନଙ୍କୁ ଦେବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବା ପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍ ସଂକ୍ରମଣ ସମୟରେ ଦେଶରେ ସଫଳତାର ସହ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିବା ଓ ଦୁର୍ବିପାକର ପରିଚାଳନା କରିବାରୁ ମିଳିଥିବା ଅଭିଜ୍ଞତାକୁ ଦେଶରେ ଟିକା ପହଞ୍ଚାଇବା ଦିଗରେ ଉପଯୋଗ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦିଓ ଦୈନିକ ସଂକ୍ରମଣ ହାର ହ୍ରାସ ପାଉଛି ତଥାପି କୋଭିଡ୍ ନିୟମ କଡାକଡି ଭାବେ ପାଳନ ପାଇଁ ପ୍ରଧାନମନ୍ତ୍ରୀ ସତର୍କ କରାଇଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଶାରୀରିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା, ବାରମ୍ବାର ହାତକୁ ସାବୁନରେ ଧୋଇବା ଓ ସାନିଟାଇଜ୍ କରିବା ଏବଂ ପରିଷ୍କାର ପରିଚ୍ଛନ୍ନତା ନିୟମ ଗୁଡିକର ସଠିକ୍ ରୂପେ ପାଳନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ, ନିତି ଆୟୋଗ ସଦସ୍ୟ, ପ୍ରଧାନ ବିଜ୍ଞାନ ଉପଦେଷ୍ଟା, ବରିଷ୍ଠ ବୈଜ୍ଞାନିକ ବୃନ୍ଦ, ପିଏମ୍‌ଓର ଅଫିସର ବୃନ୍ଦ ଓ ଅନ୍ୟ ସରକାରୀ ବିଭାଗର ଅଫିସରମାନେ ଅଂଶଗ୍ରହଣ କରିଥିଲେ।

## ଶୀତରେ ଥରିବ ...

ସେହିପରି ପ୍ରଶାନ୍ତ ମହାସାଗରର ପାଣି ବାୟୁମଣ୍ଡଳର ତାପମାତ୍ରା ତୁଳନାରେ ଅଧିକ ଗରମ ରହିଲେ ତାହାକୁ ଏଲ୍ ନିନୋ କୁହାଯାଏ। ଏଲ୍ ନିନୋ ପ୍ରଭାବ ଅଧିକ ରହିଲେ ସାଧାରଣତଃ କମ୍ ବର୍ଷା ହୋଇଥାଏ। ସେହିପରି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି ପୂର୍ବରୁ ମଧ୍ୟ ଏହି ଆଭାସ ମିଳୁଥିଲା। ସାଧାରଣ ଭାବେ ଯେତେବେଳେ ଏଲ୍' ନିନୋ ଅଧିକ ରହିଥାଏ ସେତେବେଳେ ବର୍ଷା କମ୍ ରହେ ଓ ତାପମାତ୍ରା ଅଧିକ ରହିଥାଏ ଓ ଲା'ନିନା ପ୍ରଭାବରେ ବର୍ଷା ଅଧିକ ସହ ତାପମାତ୍ରା କମ୍ ରହିଥାଏ। ତେବେ ଅଗଷ୍ଟ ମାସରେ ଏହା ସ୍ଥିର ଥିବା ବେଳେ କ୍ରମଶଃ ବୃଦ୍ଧି ପାଇଛି। ତେଣୁ ଶୀତର ପ୍ରକୋପ ଅଧିକ ହେବାର ଆଶଙ୍କା ରହିଛି। ସାଧାରଣତଃ ଡିସେମ୍ବର ମାସରେ ଲା' ନିନା ଅଧିକ ବଢୁଥିବା ଯୋଗୁ ବର୍ଷା ସହ ଶୀତ ମଧ୍ୟ ଏହି ସମୟରେ ଅଧିକ ହୋଇଥାଏ ବୋଲି ଡ. ପଶୁପାଳକ କହିଛନ୍ତି। ଲା' ନିନା ପ୍ରଭାବ ସବୁବେଳେ ବାତ୍ୟା ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ। ସମୁଦ୍ରର ଜଳବାୟୁ ତାପମାତ୍ର ଯେତେବେଳେ ଅତ୍ୟଧିକ ପରିବର୍ତ୍ତନ ହୋଇଥାଏ ଲା' ନିନା ଉତ୍ପତି ହୋଇଥାଏ। ଲା'ନିନା ପ୍ରଭାବ ଓଡ଼ିଶା ଉପରେ ରହିବ ବୋଲି ଜଣାପଡ଼ିଥିବା ବେଳେ ରାଜ୍ୟରେ ଅଧିକ ଦିନ ପର୍ଯ୍ୟନ୍ତ ଶୀତ ଜାରି ରହିବ। ପୂର୍ବରୁ ୨୦୧୦ ମସିହାରେ ଲା' ନିନାର ପ୍ରଭାବ ପଡ଼ିଥିଲା। ଏହା ପରଠାରୁ ବିଶେଷ ଭାବେ ଲା' ନିନା ପ୍ରଭାବ ପଡ଼ିନାହିଁ। କିନ୍ତୁ ଚଳିତ ବର୍ଷ ଏହାର ପ୍ରଭାବ ରହିବ ବୋଲି ଏବେଠାରୁ ଆଶଙ୍କା ଦେଖାଦେଇଥିବା ବେଳେ ୨୦୨୧ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଥଣ୍ଡା ରହିବ ବୋଲି ଜଣାପଡ଼ିଛି। ଅତ୍ୟଧିକ ତାପମାତ୍ରା ବୃଦ୍ଧି ଓ ଅତ୍ୟଧିକ ଥଣ୍ଡା ହେବା ଜଳବାୟୁ ପରିବର୍ତ୍ତନର ଲକ୍ଷଣ ବୋଲି ଦର୍ଶାଯାଉଛି। ଅନ୍ୟପଟେ ଲା' ନିନା ପ୍ରଭାବ ରହିଲେ ଏହା ଥଣ୍ଡା କରାଇବ ମତ୍ରା ଏହାଦ୍ୱାରା କୃଷି କାର୍ଯ୍ୟକୁ ଯଥେଷ୍ଟ ସହଯୋଗ ମିଳିବ। ଶୀତ ଦିନିଆ ପନିପରିବା ହେବାପାଇଁ ଏହା ଉପଯୁକ୍ତ ପରିବେଶ ସୃଷ୍ଟି କରିବ ବୋଲି ଡ. ପଶୁପାଳକ କହିଛନ୍ତି। ମାର୍ଚ୍ଚ ମାସରେ ଲା'ନିନା ପ୍ରଭାବ କମିବା ପରେ ଏଥିରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି।

## ୧୪% ଭାରତୀୟ ...

୧.୨୩ ନିୟୁତ ଓ ଅଖାଦ୍ୟ ଖାଇ ୧.୧୮ ନିୟୁତ ଲୋକଙ୍କ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ବିଶ୍ୱ ଭୋକିଲା ତାଲିକାରେ ଭାରତର ସ୍ଥାନ ନିମ୍ନ ପଟରୁ ୧୩ରେ ରହିଛି। ଦେଶର ସ୍କୋର ମାତ୍ର ୨୭.୨ ପ୍ରତିଶତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏମିତିକି ଗୃହଯୁଦ୍ଧ ଓ ଏକଛତ୍ରବାଦ ଶାସନାଧୀନ ରାଷ୍ଟ୍ର ଉତ୍ତରକୋରିଆ, ସିଏରାଲିଓନ୍, ରୁଆଣ୍ଡା, ହାଇତି ଓ ଆଫଗାନିସ୍ତାନ ତୁଳନାରେ ମଧ୍ୟ ଭାରତର ସ୍ଥିତି ଅତ୍ୟନ୍ତ ଖରାପ। କେବଳ ସତିକି ନୁହେଁ, ପଡୋଶୀ ବାଂଲାଦେଶ, ନେପାଳ, ଭୁଟାନ, ଶ୍ରୀଲଙ୍କା, ପାକିସ୍ତାନ ଓ ମ୍ୟାଁମାର ତୁଳନାରେ ଭାରତର ସ୍ଥିତି ଭଲ ନାହିଁ। ପୁଷ୍ଟିକୁ ନେଇ ପ୍ରସ୍ତୁତ ଏହି ତାଲିକାରେ ଶ୍ରୀଲଙ୍କାର ସ୍ଥାନ ୬୪ ଥିବା ବେଳେ ନେପାଳ ୭୩, ବାଂଲାଦେଶ ୭୫ ଓ ପାକିସ୍ତାନ ୮୮ ସ୍ଥାନରେ ରହିଛି। ଭାରତରେ ଖାଦ୍ୟ ଅଧିକାର ଅଭିଯାନ ବିଫଳ ହୋଇଥିବା ଓ ଏହା ପୁଷ୍ଟିହୀନତାର ନିରାକରଣରେ ବ୍ୟର୍ଥ ହୋଇଥିବା ରିପୋର୍ଟରୁ ପ୍ରକାଶ। ସେହିଭଳି ଜନସ୍ୱାସ୍ଥ୍ୟର ସୁରକ୍ଷା କ୍ଷେତ୍ରରେ ମଧ୍ୟ ଭାରତର ସ୍ଥିତି ଭଲ ନାହିଁ। ଏ କ୍ଷେତ୍ରରେ ଭାରତର ସଫଳତା ମାତ୍ର ୧୭.୩ ପ୍ରତିଶତ। ସେଥିପାଇଁ ଶିଶୁ ମୃତ୍ୟୁହାର ଅଧିକ ରହିଥିବା ପ୍ରକାଶ।

## ସଂକ୍ରମଣ କମୁଥିଲେ ...

ପ୍ରତ୍ୟେକ ଦିନ କମ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ନେବା ଫଳରେ ରାଜ୍ୟରେ ଦିନକୁ ଦିନ ସଂକ୍ରମଣ କମୁଛି। ଲୋକମାନେ ବି ଜାଣିଗଲେଣି ଭାଇରସ ଠାରୁ ଦୂରେଇ ରହିବା ପାଇଁ କ'ଣ କରିବାକୁ ପଡିବ। ଏହାସହ ରାଜ୍ୟରେ ଟେଷ୍ଟ ସଂଖ୍ୟା ମଧ୍ୟ ବଢ଼ିଥିବା ସୂଚନା ମିଳିଛି। ସେହିଭଳି ଗୋଷ୍ଠୀ ପ୍ରତିରୋଧକତା (ହର୍ଡ ଇମ୍ୟୁନିଟ୍) ଆଡକୁ ଓଡ଼ିଶା ଆଗଉଛି। ତେଣୁ ଆଗକୁ ଓଡ଼ିଶାରେ ସଂକ୍ରମଣ କମ ହେଲେ ବି ଲୋକଙ୍କୁ ସତର୍କ ରହିବାକୁ ପଡିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଶାରଦୀୟ ...

ସଂଶୋଧନ କରିଛନ୍ତି। ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ସାମାଜିକ, ରାଜନୀତିକ, କ୍ରୀଡା, ଆମୋଦପ୍ରମୋଦ, ଶୈକ୍ଷିକ, ସାଂସ୍କୃତିକ ଓ ଧାର୍ମିକ ଉତ୍ସବ ସମେତ ଅନ୍ୟାନ୍ୟ ସମସ୍ତ ପ୍ରକାରର ଅଧିକ ସଂଖ୍ୟକ ଜନଗହଳି ବା ଭିଡ ଉପରେ କଟକଣାକୁ ଜାରି ରଖିଥିଲେ ମଧ୍ୟ ତିର୍ତ୍ତୋଲ ଓ ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଏହାକୁ କୋହଳ କରିଛନ୍ତି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଅକ୍ଟୋବର ପହିଲାର ନିର୍ଦ୍ଦେଶନାମାରେ ସର୍ବାଧିକ ୧୦୦ଜଣ ଲୋକ ଏକଜୁଟ୍ ହେବା ପାଇଁ ଅନୁମତି ଦେଇଥିବା ରାଜ୍ୟ ସରକାର ଆଜି ଏହାକୁ କୋହଳ କରିଛନ୍ତି। କୌଣସି ଆବଦ୍ଧରେ ସର୍ବାଧିକ ୨୦୦ଜଣ ଲୋକ (ପ୍ରକୋଷ୍ଠର କ୍ଷମତାର ସର୍ବାଧିକ ୫୦%) ଏକଜୁଟ୍ ହେବା ନିମନ୍ତେ ଅନୁମତି ଦିଆଯାଇଛି। ତେବେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ, ହାତ ସାନିଟାଇଜ୍ କରିବା ସହ ଥର୍ମାଲ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଛି। ସେହିପରି ଖୋଲା ସ୍ଥାନ ବା ପଡିଆର ସାଇଜକୁ ଦେଖି ଜିଲ୍ଲା ପ୍ରଶାସନ ଲୋକଙ୍କ ଏକଜୁଟ ହେବା ନିମନ୍ତେ ଅନୁମତି ଦେଇପାରିବେ। ସାମାଜିକ ଦୂରତ୍ୱ ରଖି ଉକ୍ତ ପଡିଆରେ କେତେକ ଲୋକ ଏକଜୁଟ ହୋଇପାରିବେ ତାହା ଜିଲ୍ଲା ପ୍ରଶାସନ ସ୍ଥିର କରିବ। ଏଥିପାଇଁ କୌଣସି ସର୍ବାଧିକ ସଂଖ୍ୟା ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରଣ କରାଯାଇନି। ତେବେ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା, ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜରର ଉପଯୋଗକୁ ବାଧ୍ୟତାମୂଳକ କରାଯାଇଛି।

## ମଇଦାନରେ ...

ଏସମସ୍ତ ପୃଷ୍ଠଭୂମିରୁ ଯାହା ଜଣାପଡୁଛି ଓ ରାଜନୈତିକ ସମିକ୍ଷକମାନଙ୍କ ପାଖରୁ ଶୁଣିବାକୁ ମିଳୁଛି ଯେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ପାଇଁ ହେଉଥିବା ଏହି ଉପ ନିର୍ବାଚନରେ ପ୍ରବୀଣ ଓ ଅଭିଜ୍ଞ ରାଜନେତା ତଥା ଦୁଇ ନୂତନ ଯୁବପ୍ରାର୍ଥୀଙ୍କୁ ମୁକାବିଲା କରିବା ପାଇଁ ସଂଗଠନ ଶକ୍ତି, ସାହାସ ଏବଂ ବ୍ୟକ୍ତିତ୍ୱ କେବଳ ବିଜେପି ପ୍ରାର୍ଥୀ ଶ୍ରୀ ରାଜ କିଶୋର ବେହେରାଙ୍କ ପାଖରେ ରହିଛି ସେଥିପାଇଁ ବିଜେପି ଆଗରୁ ପ୍ରାର୍ଥୀ ଭାବେ ତାଙ୍କୁ ଘୋଷଣା କରିଦେଇଥିବା ବେଳେ ନାମାଙ୍କନ ବି ଆଗରୁ ଦାଖଲ କରିବାରେ ସକ୍ଷମ ହୋଇଛନ୍ତି। ଦୁଇ ଦୁଇ ଥର କଂଗ୍ରେସ ଦଳ ପକ୍ଷରୁ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ଓକିଲ ରାଜକିଶୋର ବେହେରା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳରୁ ଓହରିଆସି ବିଜେପି ପ୍ରାର୍ଥୀ ହେବା ପାଇଁ ଏକ ପ୍ରକାର ଦାବିଦାର ହୋଇଯିବାରୁ ଦୁଇଥର ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିବା ବିଜେପି ନେତା ରମାକାନ୍ତ ଭୋଇ ବି ଦଳକୁ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଶ୍ରୀ ବେହେରା କଂଗ୍ରେସର ଭୋଟ ହାତେଇନେବାରେ ସକ୍ଷମ ହେଉଥିବାବେଳେ ବେଳେ ବିଜେଡି ପ୍ରାର୍ଥୀଙ୍କର ଅସନ୍ତୁଷ୍ଟ ସମର୍ଥକ ଓ କର୍ମୀ ବିଜେଡି ପ୍ରାର୍ଥୀ ଉପରେ କ୍ଷୁବ୍ଧ ହୋଇ ବିଜେପି ପ୍ରାର୍ଥୀଙ୍କ ଶିବିର ଅଡେ ଭିତିରିଆ ମୁହାଁଇ ପାରନ୍ତି। ଏପରିକି ୨୦୧୯ ନିର୍ବାଚନ ବେଳେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ସମୟରେ ଦେଖିବାକୁ ମିଳିଥିଲା ଓ ବିଜେପି ପ୍ରାର୍ଥୀ ବିନା ବାଧା ବିଘ୍ନ ରେ ଭୋଟ ହାତେଇବାରେ ସକ୍ଷମ ହୋଇଥିଲେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲାଯେ ଚଳିତଥର ଉପନିର୍ବାଚନରେ କଂଗ୍ରେସ ଦଳର କେହି ଦାବିଦାର ନଥିବାରୁ ରାଜନୈତିକ ପୃଷ୍ଠଭୂମିରେ ନବାଗତ ଥିବା ଓ ନିର୍ବାଚନ ମଣ୍ଡଳୀରେ ଲୋକ ସମ୍ପର୍କ ଆଦୌ ନଥିବା ଯୁବ ନେତା ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ଭାବେ ଘୋଷଣା କରାଗଲା । ଏହି ଚଳିତ ଉପ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ କନ୍ଦଳ ଯୋର ଧରିଥିବାବେଳେ ଦଳୀୟ କର୍ମୀ ମାନେ ବିବାଦରେ ପଡି ଗଲେଣି। ସେହିପରି କଂଗ୍ରେସ ଦଳ ପାଇଁ ନବାଗତ ଥିବା ଶ୍ରୀ ମଲ୍ଲିକଙ୍କ ତିନି ବ୍ଲକ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ନଥିବାରୁ ଦଳୀୟ କର୍ମୀ ମହଲରେ ସେ ଗ୍ରହଣୀୟ ହୋଇପାରୁ ନାହାନ୍ତି। ଏସବୁ ଦୃଷ୍ଟି କୁ ବିଚାରକୁ ନେଲେ ତିନି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରବୀଣ ରାଜନେତା ତଥା ଜଣେ ସୁନାମ ଧନ୍ୟ ବ୍ୟକ୍ତି ଭାବେ ପରିଚିତ ଥିବା ଶ୍ରୀ ବେହେରା ଅନ୍ୟତମ ହେବା ସହିତ ଜଣେ ଓକିଲ ଭାବେ ନିର୍ବାଚନ ମଣ୍ଡଳିରେ ତାଙ୍କର ଦବଦବା ଲାଗିରହିଛି। ତେଣୁ ଚଳିତ ଉପ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶ୍ରୀ ବେହେରା ଓ ବିଜେଡି ପ୍ରାର୍ଥୀ ଶ୍ରୀ ଦାସଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବା ଘଟଣା ସ୍ପଷ୍ଟବାରି ହୋଇପଡୁଥିବାବେଳେ କଂଗ୍ରେସ ଦଳର ନବାଗତ ପ୍ରାର୍ଥୀ ଶ୍ରୀ ମଲ୍ଲିକ ୨୦୧୯ ଭୋଟ ବ୍ୟବଧାନ ପର୍ଯ୍ୟନ୍ତ ଯାଇପାରିବା ମୁସ୍କିଲ ମଧ୍ୟ ହୋଇପାରେ। ତିନି ଗୋଟି ବ୍ଲକ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ନବାଗତ ଥିବାରୁ ବହୁ ପୁରାତନ କଂଗ୍ରେସ ନେତା ତାଙ୍କୁ ଛାଡି ସେମାନଙ୍କର ପୁରୁଣା ପ୍ରାର୍ଥୀ ଥିବା ଶ୍ରୀ ବେହେରାଙ୍କ ଆଡକୁ ଢଳି ଜିତାଇ ଦେବାର ଆଶା ସୃଷ୍ଟି ହୋଇଛି।

# ପ୍ରଶାସନ ଓ ବଣିକ ସଙ୍ଘ କର୍ମକର୍ତ୍ତାଙ୍କୁ ନେଇ କୋଭିଡ ସଚେତନତା କାର୍ଯ୍ୟକ୍ରମ

**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ ଓ ପାଇକପଡା ପାଟଣା ସଦର ମହକୁମାରେ ରହିଥିବା ବ୍ୟବସାୟୀ ସଂଘ କୁ ନେଇ ସ୍ଥାନୀୟ ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ କୋଭିଡ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡଓ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ନରସିଂହପୁର ତହସିଲଦାର ଆକାଶ ରଞ୍ଜନ ସାହୁ, ନରସିଂହପୁର ଥାନା ଏଏସଆଇ ରବିନ୍ଦ୍ର କୁମାର ନାୟକ,ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର , ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର, ସମିତିସଭ୍ୟ ରଞ୍ଜନ ସ୍ୱାଇଁ , ପାଇକପଡା ପାଟଣା ସରପଞ୍ଚ ବୀଣାପାଣୀ ବେହେରା ପ୍ରମୁଖ ଉପସ୍ଥିତ ରହି ବଜାର କମିଟିର ଉପସ୍ଥିତ ବ୍ୟବସାୟୀ ମାନଙ୍କୁ ବର୍ତ୍ତମାନ କୋଭିଡ-୧୯ ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୁତାଣୁ ସଂକ୍ରାମଣକୁ କିପରି ପ୍ରତିହତ କରାଯାଇ ପାରିବ ସେ ନେଇ ବ୍ୟବସାୟୀ ମାନେ ସଚେତନ ରହିବା ସହିତ ଏକ ଟିମ ଗଠନ କରି ଏହାର ସର୍ଭେ ଦୁଇ ଦିନ ହେବା ପାଇଁ ନିଷ୍ପତି ନିଆଯାଇଥିଲା। ବଜାରକୁ ଆସୁଥିବା ହିତାଧିକାରୀ ମାନଙ୍କୁ କିଭଳି ଦୋକାନ ଠାରୁ ସାମାଜିକ ଦୁରତ୍ୱ ନିୟମ ଅବଲମ୍ବନ କରିବା ସହିତ ମାସ୍କ ପରିଧାନ କରିନଥିଲେ ସେମାନଙ୍କ ଠାରୁ ଦୁରେଇ ରହିବା ଏବଂ ଉଠା ଦୋକାନୀ ମାନେ ଦଳଦଳ ଜଳ ଖିଆ ଖାଇବା ଦେବା ପରିବର୍ତ୍ତେ ପାର୍ସଲ ପ୍ରଦାନ ପାଇଁ ନିୟମ ରଖିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଆସନ୍ତା ୨୩ ତାରିଖ ଦିନ ସମସ୍ତ ବ୍ୟବସାୟୀ ମାନଙ୍କ ଠାରୁ ସ୍ୱାବ ସଂଗ୍ରହ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତି ନିଆଯାଇଥିବା ବିଡିଓ ଶ୍ରୀ ସାହୁ ସୂଚନା ଦେଇଥିଲେ।। ନରସିଂହପୁର ଅଞ୍ଚଳକୁ କରୋନା ମୁକ୍ତ କରିବା ପାଇଁ ବ୍ୟବସାୟୀ ସଂଘର ସମସ୍ତ ସଦସ୍ୟ ହାତ ବଢାଇବା ପାଇଁ ପ୍ରଶାସନର ସୂଚନା ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶିକ୍ଷକ ଏବଂ ପ୍ରଶାସନିକ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଶାରଦୀୟ ସାହିତ୍ୟ ସମ୍ଭାର ସମାରୋହ

**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ଲେଖକ ସାମୁଖ୍ୟ ଏବଂ ସାମ୍ବାଦିକ ସଂଘ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସାହାରା ଇଣ୍ଡିଆ ସଭା ଗୃହରେ ସାହିତ୍ୟିକ ମାନଙ୍କୁ ନେଇ ଏକ ଶାରଦୀୟ ସାହିତ୍ୟ ସମ୍ଭାର ୨୦୨୦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହକୁ ପ୍ରାକ୍ତନ ଅଧକ୍ଷ ଡଃ ଲୋକନାଥ ସ୍ୱାଇଁ ଉଦଘାଟନ କରିଥିଲେ ।ଲେଖକ ସାମୁଖ୍ୟର ସଭାପତି ତ୍ରିଲୋଚନ ମହାପାତ୍ର ଅଧକ୍ଷତା କରିଥିଲେ। ବିଶିଷ୍ଟ ଅତିଥିଭାବେ ଭିକ୍ଷାକାରୀ ଦଳେଇ, ମୁଖ୍ୟ ବକ୍ତା ସାମ୍ବାଦିକ ଅଜୟ କୁମାର ପଣ୍ଡା, ଲେଖକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର , ଶିକ୍ଷାବିତ୍ ଦେବରାଜ ସ୍ୱାଇଁ , କବୟତ୍ରୀ ଦମୟନ୍ତି ରଥ, ନରସିଂହପୁର ସାମ୍ବାଦିକ ସଂଘର ସଭାପତି ଦେବଦତ୍ତ ମଳୟ କୁମାର ବରାଳ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନରସିଂହପରୁ ସାହିତ୍ୟ ସମାଜର ସମ୍ପାଦକ ବିନାୟକ ମିଶ୍ର ସଂଯୋଜନା କରିଥିଲେ। ଆଜିର ସମାରୋହରେ କୋଭିଡ-୧୯ କୁ ଆଖିଆଗରେ ରଖାଯାଇ ଶାରଦୀୟ ପୁଜା ରେ କବି ଓ କବୟତ୍ରୀ ମାନଙ୍କର ସ୍ୱଲିଖୀତ କବିତା ପାଠ କରାଯାଇଥିଲା। ଆଜିର ଦିନରେ କୋଭିଡ ସଂକ୍ରାମଣ ଏବଂ ଶାରଦୀୟ ପୁଜା ରେ ବାଧା ଉପୁଜିବା ସହିତ ସ୍ଥାନ ପାଇଥିବା କବିତା ଗୁଡିକୁ ନେଇ ବିଭିନ୍ନ ଆଲୋକପାତ କରାଯାଇଥିଲା। ଉକ୍ତ ସମାରୋହରେ ଶ୍ରମିକ ମହାସଂଘର ସଭାପତି ବୈକୁଣ୍ଠ ବିହାରୀ ନାୟକ ,ଶିକ୍ଷକ ବିଭୁତି ଭୂଷଣ ନାୟକ, ଶିକ୍ଷାବିତ୍ ସନାତନ ସ୍ୱାଇଁ , ଆଇନଜୀବୀ ବୁଦ୍ଧିମାନ ସାହୁ, ସାମାଜିକ କର୍ମୀ ପରେଶ ପ୍ରସାଦ ମହାପାତ୍ର, ନରସିଂହପୁର ସାମ୍ବାଦିକ ସଂଘର ଉପସଭାପତି କାର୍ତ୍ତିକେଶ୍ୱର ନାଥ, ସହସମ୍ପାଦକ ସାନ୍ତନୁ କୁମାର ଗାଆଣ, ଉପଦେଷ୍ଟା ବିପିନ ବିହାରୀ ପଣ୍ଡା, କୋଷାଧକ୍ଷ ରମେଶ ଚନ୍ଦ୍ର ପାଢି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ସାମ୍ବାଦିକ ସଂଘ ସମ୍ପାଦକ ଭୁପେନ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



# ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ




**କୋରାପୁଟ :** ରାଜ୍ୟ ସରକାରଙ୍କ ଜାଗା ମିଶନ ମାଧ୍ୟମରେ ସହରର ସରକାରୀ ଜମିରେ ବସବାସ କରୁଥିବା ହିତାଧିକାରୀଙ୍କୁ ବସ୍ତିବାସିନ୍ଦା ଭୂମି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମ ଜୟନ୍ତୀ ଅବସରରେ କୋରାପୁଟର ଟାଉନ୍ ହଲରେ ଆୟୋଜିତ ଏକ ଉତ୍ସବରେ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌରପରିଷଦ ପକ୍ଷରୁ ଚିହ୍ନଟ ହୋଇଥିବା ୮୭୫ଜଣଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୫ଜଣ ହିତାଧିକାରୀଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ସରକାରୀ ଜମିରେ ବସବାସ କରୁଥିବା ଜନସାଧାରଣଙ୍କୁ ସମ୍ପୃକ୍ତ ଜାଗାରୁ ଉଚ୍ଛେଦ ନ କରିବା ଏବଂ ଯଦି କରାଯିବ ସେମାନଙ୍କୁ ବାସ ଉପଯୋଗୀ ଜାଗା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ପ୍ରମାଣପତ୍ର ପ୍ରଦାନରେ ସମସ୍ତଙ୍କୁ ସାମିଲ କରିବାକୁ ଶ୍ରୀ ପଡାଲ ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌରପରିଷଦ ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି ଯୋଗ ଦେଇଥିବା ବେଳେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରାଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ସିଓ ରଶ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କରୋନା ଉଜାଡି ଦେଲାଣି ଟେଣ୍ଟ ସାମଗ୍ରୀ, ସଙ୍କଟରେ ବ୍ୟବସାୟୀ

**ଜଗତସିଂହପୁର :** ମନ୍ଦିର ପୂଜା ହେଉ ବା ବାହାଘର ଗାଁରୁ ସହର ପର୍ଯ୍ୟନ୍ତ ସବୁଆଡେ ଦେଖିବାକୁ ମିଳୁଥିଲା ଟେଣ୍ଟ କର୍ମଚାରୀ ମାନଙ୍କ ପୀରକ କଣ୍ଟା ଓ କତା, ସୁତୁଲି କାର୍ଯ୍ୟ ହେଲେ କରୋନା କୋଭିଡ-୧୯ ହେବା ଦିନଠାରୁ ସେହି ରୋଜଗାରକ୍ଷମ ମୁଲିଆଙ୍କ ପାଇଁ ଭାତ ହାଣ୍ଡି ଚୁଲିରେ ନିଆଁ ଲାଗିବା ବନ୍ଦ ହୋଇଗଲାଣି। ଉଜୁଡି ଗଲାଣି ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ। ବିବାହ ମଣ୍ଡପ ହେଉ ବା ଗାଁ ଗହଳି ମାନଙ୍କରେ ଅଷ୍ଟମ ପ୍ରହରି, ଚତୁର୍ଥ ପ୍ରହରି, ନିର୍ବାଚନ ପ୍ରଚାର ହେଉ ବା କାଉଡିଆ ମାନଙ୍କ ଭାରା ବନ୍ଧା ଗୀତ ଆଉଶୁଣିବାକୁ ମିଳୁନାହିଁ। ଏପରିକି ସେମାନଙ୍କ ଡିଜେ ସାଉଣ୍ଡ, ମାଇକ୍ ସାଉଣ୍ଡ କିମ୍ବା ଢୋଲ କିର୍ତ୍ତନ ସବୁ ଅଲୋଡାହୋଇ ପଡିରହିଛି। ଏହାକୁ ଆଶ୍ରାକରି ନିଜ ପରିବାର ଚଳାଉଥିବା ଓ ଏହି କାର୍ଯ୍ୟସବୁରେ ନିୟୋଜିତ ରହି ଭାରା ଉପରେ ଚଢି ବାନ୍ଧୁଥିବା କର୍ମଚାରୀ ମାନେ ବି ବେସାହାରା ପାଲଟି ଗଲେଣି। ଏପରିକି ବାଉଁଶ, ଟପ, କରେଇ ଓ କପଡା ମାନଙ୍କରେ ଉଈସବୁ ଲାଗିଯିବାର ଦେଖିବାକୁ ମିଳୁଛି। ସରକାର ମନ୍ଦିର ପୂଜକ, ପାଲା ପରିବେଷଣ କାରୀ ଓ କରୋନା ଯୋଦ୍ଧା ମାନଙ୍କ ପାଇଁ ଭତ୍ତା ବା ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିବାବେଳେ ଗାଁରୁ ସହର ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଲିପ୍ତ ଥିବା କର୍ମଚାରୀ ମାନଙ୍କ ଦୁଃଖ ବୁଝିବାକୁ ଯେପରି କାହାର ଦରଦ ନଥିବା ପରି ଜଣାପଡୁଛି। ଏହି ଟେଣ୍ଟ ବ୍ୟବସାୟୀଙ୍କ ବ୍ୟାପାର କୁ ନେଇ ସରକାର ବି ମୁହଁ ଖୋଲିନାହାନ୍ତି। ସରକାର କଟକଣା କୋହଳକରି ବିବାହ ଉତ୍ସବମାନଙ୍କରେ ୧୦୦ଲୋକ ଓ ଶୁଦ୍ଧିକ୍ରିୟା ମାନଙ୍କରେ ୫୦ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିଥିଲେବି ବହୁ ଲୋକ କରୋନା କୋଭିଡ-୧୯ ଭୟରେ ଖାଇବାକୁ ଯିବାପଇଁ ମଙ୍ଗୁ ନାହାନ୍ତି। ଏପରିକି ବହୁସ୍ଥାନ ମାନଙ୍କରେ ବାସି ରନ୍ଧା ଖାଦ୍ୟ ସବୁ କୁକୁର, ମଇଁଷି ଓ ଷଣ୍ଢ ଖାଉଥିବାର ଦେଖାଯାଉଛି। ରାଜ୍ୟରେ ବର୍ତ୍ତମାନ ଦୁଇଗୋଟି ଉପ ନିର୍ବାଚନ ହେବାକୁ ଯାଉଥିବାବେଳେ ପ୍ରଚାର ଗାଡି, ଡିଜେ ସାଉଣ୍ଡ, ରାଲି ଓ ଭୋଜି ଭାତର ଆସର ବ୍ୟବସ୍ଥା ନଥିବାରୁ ଟେଣ୍ଟ ମାଲିକ ମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଲାଣି। ଏହି କୋଭିଡ-୧୯ କଟକଣା ପାଇଁ ଟେଣ୍ଟ ବ୍ୟବସାୟୀ ମାନେ ମୁଣ୍ଡରେ ହାତ ଦେଇ ବସିଲେଣି। ଏସବୁ କଟକଣାକୁ ଦୃଷ୍ଟିରେ ରଖି ଟେଣ୍ଟ ବ୍ୟବସାୟୀ ମହାସଂଘ ମଧ୍ୟ ସରକାରଙ୍କ ନିକଟରେ ଦାବି ଜଣାଇ ସେମାନଙ୍କ ଜୀବନ ଜୀବିକା ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। ସେମାନଙ୍କ ଜୀବନ ଜୀବିକା ଉପରେ ଯଦି ସରକାର ଅଂକୁଶ ଲଗାଇ ରଖନ୍ତି ତେବେ ସେମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବା ସହିତ ସରକାରୀ କାର୍ଯ୍ୟାଳୟ ମାନଙ୍କ ଆଗରେ ଧାରଣା ଦେବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



ଅକ୍ଷୟ କୁମାର ରାଉତ

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର



ସ୍ୱଭାବର ପିଲାଥିଲେ। ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍କାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍ଙ୍କୁ କଲାମ ଲାଞ୍ଜ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ) କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।



୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ। କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ। ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜର୍ନି' ଓ 'ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ।



*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେଉ : ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଦୀର୍ଘ ୨୦ ବର୍ଷ ଧରି ଶାସନ ଗାଦିରେ ରହିବା ପରେ ବି ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରି ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଦାସବିଦ୍ୟାଧରପୁର ଗ୍ରାମର କବିର ଭୋଇ ନିଜ ପତ୍ନୀ ସୁକାନ୍ତି ଭୋଇଙ୍କ ଚିକିତ୍ସା ପାଇଁ ଟ୍ରଲିରେ ୯୦ କିମି ପର୍ଯ୍ୟନ୍ତ ନେବା ଘଟଣା ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ବ୍ୟବସ୍ଥାର ନଗ୍ନ ଚିତ୍ର ସାମ୍ନାକୁ ଆଣିଛି। ସଭ୍ୟ ସମାଜରେ ଏଭଳି ଅଭାବନୀୟ ଘଟଣା ଘଟିବା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରିଛି। ଗରିବ ଅସହାୟ ଲୋକଙ୍କ ଦୁଃଖ ନା ସରକାର କି ପ୍ରଶାସନ, କେହି ଶୁଣନ୍ତି ନାହିଁ ବୋଲି ଆଜି ପୁଣିଥରେ ପ୍ରମାଣିତ ହୋଇଛି। ବିଶେଷ କରି ଉନ୍ନତ ସ୍ୱାସ୍ଥ୍ୟ ସେବାର ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୀରବ ରହିବା ତାଙ୍କ ଶାସନର ଅପରାଗତାକୁ ପଦାରେ ପକାଇଛି । ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ଦାସବିଦ୍ୟାଧରପୁର ଗାଁ ରେ ପହଂଚି ଏହି ଘଟଣାର ସରଜମିନ ତଦନ୍ତ କରିବା ସହ କବିର ଭୋଇଙ୍କୁ ସମବେଦନା ଜଣାଇଛନ୍ତି। କବିର ଭୋଇଙ୍କ କହିବାନୁଯାୟୀ ତାଙ୍କ ପାଖରେ ଅର୍ଥ ନଥିବା ଏବଂ ଚିକିତ୍ସା ଅବହେଳା କାରଣରୁ ସେ ଆଜି ତାଙ୍କ ପତ୍ନୀଙ୍କୁ ହରାଇଛନ୍ତି । ଅନ୍ୟପଟେ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଦେଖାଇବା ପାଇଁ ସେ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ସାକ୍ଷୀଗୋପାଳ ଡାକ୍ତରଖାନା ଏବଂ ଶେଷରେ ପୁରୀ ଜିଲ୍ଲା ମେଡିକାଲକୁ ନେଇଥିଲେ । ପୁରୀ ମେଡିକାଲର ଡାକ୍ତର ରୋଗୀକୁ ଭଲ କରିନପାରିବାରୁ ବାଧ ହୋଇ ସେ କଟକ ଏସ.ସି.ବି ମେଡିକାଲକୁ ଏକ ଟ୍ରଲି ଭଡା କରି ତାଙ୍କ ପତ୍ନୀଙ୍କୁ ନେଇଥିଲେ ଏବଂ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି କବିର ପ୍ରତିନିଧୀ ଦଳ ଆଗରେ କହିଥିଲେ। ରାଜ୍ୟସରକାର ୧୫ ଅଗଷ୍ଟ ୨୦୧୮ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିବା ସହ ଗରିବ ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସେବା ଯୋଗାଇଦେବାର ପ୍ରତିଶୃତି ଦେଇଥିଲେ । କିନ୍ତୁ ଏବେ କୁଆଡେ ଗଲା ସେ ଯୋଜନା ? ମାଗଣା ସ୍ୱାସ୍ଥ୍ୟ ସେବା ତ ଦୂରର କଥା ରୋଗୀକୁ ନେବା ପାଇଁ ଆମ୍ବୁଲାନ୍ସ ଯୋଗାଇ ପାରୁନାହାଁନ୍ତି ରାଜ୍ୟସରକାର । ପୁରୀ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯ଟି ଘରୋଇ ହସ୍ପିଟାଲ ଅନୁବନ୍ଧିତ ହୋଇଥିବାବେଳେ କବିର ଭୋଇଙ୍କ ପତ୍ନୀ ସୁକାନ୍ତି ଭୋଇଙ୍କୁ ଚିକିତ୍ସା ମିଳିଲାନି କାହିଁକି ? ଆଜି ଦାନମାଝୀ ଘଟଣାର



ପୁନରାବୃତି ହୋଇଛି । ଦାନମାଝୀ ଘଟଣା ପରେ ରାଜ୍ୟସରକାର ପ୍ରତି ଘର ପାଖରେ ସ୍ୱାସ୍ଥ୍ୟସେବା ପହଂଚାଇବାର ପ୍ରତିଶୃତି ଦେଇଥିଲେ । ଆଜି ସେ ପ୍ରତିଶୃତି ଗଲା କୁଆଡେ ? ସବୁଠୁ ଦୁର୍ଭାଗ୍ୟର କଥା କି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ହସ୍ପିଟାଲ ପର୍ଯ୍ୟନ୍ତ ସବୁ ସ୍ଥାନରେ ଡାକ୍ତରଙ୍କ ଅଭାବ, ଅବହେଳା ଓ ଉନ୍ନତ ମାନର ଚିକିତ୍ସା ବ୍ୟବସ୍ଥା ନଥିବା କାରଣରୁ ଆଜି ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । ରୋଗୀଟି ଟ୍ରଲିରେ ୯୦ କିମି ରାସ୍ତାରେ ବୁହା ହୋଇ ଯାଉଥିବାବେଳେ ସରକାରୀ ଅଧିକାରୀ କିମ୍ବା କୌଣସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନଜର ତାଙ୍କ ଉପରେ କିପରି ପଡିନଥିଲା ବୋଲି ପ୍ରତିନିଧୀ ଦଳ ସଦସ୍ୟ ତଥା ରାଜ୍ୟ ବିଜେପି ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ରାଜ୍ୟସରକାରଙ୍କ ଦାୟୀତ୍ୱ । କିନ୍ତୁ ଗରିବ ଲୋକଙ୍କୁ ସରକାର ହତାଦର କରୁଛନ୍ତି। ରାଜ୍ୟରେ ନିର୍ବାଚନ ଜିତିବା ପାଇଁ ବିଭିନ୍ନ ଯୋଜନା ଲାଗୁ କରାଯାଉଛି କିନ୍ତୁ ବାସ୍ତବରେ ତାହା ଫଳପ୍ରଦ ହେଉନାହିଁ। ସ୍ୱାସ୍ଥ୍ୟସେବା ପାଇବା ସାଧାରଣ ଲୋକଙ୍କ ଅଧିକାର। ଏହି ଅଧିକାରରୁ ଗରିବ ଅସହାୟ ଲୋକଙ୍କୁ ରାଜ୍ୟସରକାର ବଂଚିତ ରଖିବାର ଉଦ୍ଦେଶ୍ୟ କ'ଣ ? ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗୁଁ ପୁରୀ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି ବୋଲି ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଭିଯୋଗ କରିଛନ୍ତି। ମାଗଣାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କେନ୍ଦ୍ରସରକାର ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି । ଏହାକୁ ଓଡିଶାରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ବି ମୁଖ୍ୟମନ୍ତ୍ରୀ ନିଜ ଜିଦ୍ ରେ ଅଟଳ ରହି ଏଭଳି ଏକ ଜନକଲ୍ୟାଣକାରୀ ଯୋଜନାକୁ ଲାଗୁ କରୁନାହାଁନ୍ତି । କେବଳ ମୋଦୀ ସରକାର କାଳେ ନାଁ ନେଇଯିବେ ସେହି ଭୟରେ ରାଜନୈତିକ ଅଭିସନ୍ଧି ରଖି ଏହି ଯୋଜନାକୁ ଲାଗୁ କରାଯାଇନାହିଁ । ଆୟୁଷ୍ମାନ ଭାରତ ଯୋଜନା ଲାଗୁ କଲେ ରାଜ୍ୟସରକାରଙ୍କ ତରଫରୁ ଟଙ୍କାଟିଏ ଖର୍ଚ୍ଚ ହେବ ନାହିଁ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଲିଖିତ ଉତର ଦେଇଛନ୍ତି। ତେବେ ଅସୁବିଧା କେଉଁଠି ରହୁଛି ବୋଲି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ପ୍ରଶ୍ନ କରିଛନ୍ତି। ଗରିବ ଲୋକ କାହିଁକି ସ୍ୱାସ୍ଥ୍ୟସେବାରୁ ବଂଚିତ ରହି ମୃତ୍ୟୁବରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ଏହାର ଉତର ରଖନ୍ତୁ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ । ମୃତକଙ୍କ ପରିବାରକୁ ରାଜ୍ୟସରକାଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ପ୍ରତିନିଧୀଦଳ ଦାବି କରିଛି। ଆଗାମୀ ଦିନରେ ଜିଲ୍ଲାପ୍ରଶାସନ ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରନ୍ତୁ। ଏହା ନହେଲେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୁଦ୍ଧରେ ଜିଲ୍ଲାବ୍ୟାପି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧୀ ଦଳରେ ବରିଷ୍ଠ ନେତା କୃଷ୍ଣ ଜଗଦେବ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୯ - ୨୫ ଅକ୍ଟୋବର, ୨୦୨୦





# ୨୦୨୦ ସୁଦ୍ଧା ସହରର ସବୁ ଘରକୁ ପାଇପ ଜଳ ସଂଯୋଗ : ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଓ ପୁରୀରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ୍-ସୁଜଳ' ଲୋକାର୍ପିତ କରିଛନ୍ତି। ଏହି ମିଶନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏହାଦ୍ୱାରା ଲୋକମାନେ ଉନ୍ନତ ଦେଶର ଲୋକମାନଙ୍କ ପରି ସିଧାସଳଖ ଟ୍ୟାପରୁ ପାଣି ଆଣି ପିଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମର ଆଧାରରେ ବ୍ୟବସ୍ଥାର ରୂପାନ୍ତର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ୫-ଟି ଗଭର୍ଣ୍ଣାନ୍ସରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଆଜି ଭୁବନେଶ୍ୱର ଓ ପୁରୀରୁ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ-ସୁଜଳ' ଆରମ୍ଭ କରାଗଲା। ଏହାଦ୍ୱାରା ଏହି ଦୁଇ ସହରର ୧ ଲକ୍ଷ ୮୦ ହଜାରରୁ ଅଧିକ ଲୋକ ଉପକାର ପାଇବେ। ଏହି 'ଡ୍ରିଙ୍କ୍ ଫ୍ରମ୍ ଟ୍ରାପ୍ ମିଶନ-ସୁଜଳ' ରାଜ୍ୟରେ ସବୁ ଅଞ୍ଚଳରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବିକଶିତ ଦେଶ ଗୁଡିକରେ ଲୋକମାନେ ସିଧା ଟ୍ୟାପରୁ ପାଣି ପିଅନ୍ତି। ପାଣି ଗରମ କରିବା, ଫିଲ୍ଟର କରିବା ବା ଆକ୍ୱାଗାର୍ଡ ଆଦି ମେସିନ୍ ଦରକାର ହୁଏ ନାହିଁ। କାରଣ ସେମାନେ ସିଧା ଟ୍ୟାପ୍‌ରୁ ଭଲ ପିଇବା ପାଣି ପାଆନ୍ତି। ଭୁବନେଶ୍ୱରର ସାଲିଆ ସାହି ଓ ପୁରୀର ମଶାଣୀଚଣ୍ଡୀରେ ଏହି କାର୍ଯ୍ୟକ୍ରମ ଲୋକାର୍ପିତ ହୋଇଥିଲା। ସାଲିଆ ସାହିରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ବିଧାୟକ ସୁଶାନ୍ତ ରାଉତ ଏବଂ ପୁରୀରେ ମନ୍ତ୍ରୀ ତୃଷାରକାନ୍ତି ବେହେରା ଓ ବିଧାୟକ ଜୟନ୍ତ ଷଡଙ୍ଗୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଲୋକାର୍ପଣ କରିଥିଲେ। ଜଳସାଥି ମାନଙ୍କୁ ଜଳର ମାନ ପରୀକ୍ଷା ଯନ୍ତ୍ର ପ୍ରଦାନ କରାଯାଇଥିଲା ଏବଂ ପାଣି ପାଇପ୍ ମିସ୍ତ୍ରୀ ମାନଙ୍କୁ ପ୍ରଶିକ୍ଷଣ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ହେଉଛି ଏକ ବଡ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ବହୁତ ପର୍ଯ୍ୟଟକ ଏଠାକୁ ଆସନ୍ତି। ସେମାନେ ପାଣି ପାଇଁ ପ୍ଲାଷ୍ଟିକ ବୋତଲ ବ୍ୟବହାର କରନ୍ତି। ତେଣୁ 'ଡ୍ରିଙ୍କ୍ ଫ୍ରମ୍ ଟ୍ରାପ୍ ମିଶନ୍-ସୁଜଳ' ସୁବିଧା ଦ୍ୱାରା ପୁରୀରୁ ପ୍ଲାଷ୍ଟିକ୍ ପ୍ରଦୂଷଣ କମିଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଭୁବନେଶ୍ୱର ସହିତ ଗୋପାଳପୁର, ଦିଗପହଣ୍ଡି ଓ କାଶୀନଗରରେ ସବୁ ଘରକୁ ଆମେ ପାଇପ୍ ୱାଟରର ସୁବିଧା ଦେଇପାରିଛୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତଙ୍କୁ ଭଲ ପିଇବା ପାଣି ଯୋଗାଇ ଦେବା ଆମର ପ୍ରାଥମିକତା। ଦଶ ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହର ମାନଙ୍କ ମଧ୍ୟରେ ଶତପ୍ରତିଶତ ପାଇପ ପାଣି ସବୁ ଘରକୁ ସଂଯୋଗ କ୍ଷେତ୍ରରେ ଭୁବନେଶ୍ୱର ଦେଶର ପ୍ରଥମ ସହର ହୋଇପାରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ମାର୍ଚ୍ଚ ୨୦୨୨ ସୁଦ୍ଧା ରାଜ୍ୟର ସବୁ ସହରାଞ୍ଚଳର ସବୁ ଘରକୁ ପାଇପ୍ ୱାଟର ସଂଯୋଗ ଯୋଗାଇ ଦିଆଯିବ ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବ। ଏହି ଅବସରରେ ସେ ରାଜ୍ୟର ଆଉ ୧୫ଟି ସହର ପାଇଁ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ୍-ସୁଜଳ' ଘୋଷଣା କରିଥିଲେ। ଏହାଦ୍ୱାରା ୧୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ୧୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ। ମିଶନ ଶକ୍ତିର ମା'ମାନେ ଜଳ ସାଥି ଭାବରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଯେଉଁଳି ଦକ୍ଷତାର ସହ ଦାୟିତ୍ୱ ତୁଲାଉଛନ୍ତି, ମୁଖ୍ୟମନ୍ତ୍ରୀ ତା'ର ଉଚ୍ଚପ୍ରଶଂସା କରିଥିଲେ। ସେହିପରି ୱାଟ୍‌କୋ ପକ୍ଷରୁ ପାଣି ପାଇପ ମିସ୍ତ୍ରୀ ପ୍ରଶିକ୍ଷର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାରୁ ସେ ମଧ୍ୟ ଖୁସି ବ୍ୟକ୍ତ କରିଥିଲେ।

## ଗଞ୍ଜେଇ ଜବତରେ ପୋଲିସକୁ ବଡ ସଫଳତା

# ଇସ୍ରୋ ସହଯୋଗ କରୁଛି : ଡିଜି



**ଭୁବନେଶ୍ୱର:** ଚଳିତ ବର୍ଷ ଆରମ୍ଭରୁ ସେପ୍ଟେମ୍ବର ମଧ୍ୟରେ ୧୦୫୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇ ସାରିଲାଣି। ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ଅଭୟ। ଅପରପକ୍ଷେ ଗଞ୍ଜେଇ ଧରିବାରେ ଇସ୍ରୋ ସାହାଯ୍ୟ କରୁଥିବା ବେଳେ ପୂର୍ବ ବର୍ଷ ତୁଳନାରେ ଏବେ ଅଧିକ ପରିମାଣର ଗଞ୍ଜେଇ ଜବତ ହୋଇପାରୁଥିବା କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ। ପୋଲିସ ମହାନିର୍ଦ୍ଦେଶକ ଦେଇଥିବା ସୂଚନା ଅନୁଯାୟୀ, ଗତ ୧୦ ବର୍ଷର ଡାଟା ଦେଖିଲେ ବର୍ଷକୁ ହାରାହାରି ୩୧୨ କ୍ୱିଣ୍ଟାଲ ଗଞ୍ଜେଇ ସିଜ୍ ହୋଇଛି। ଗତ ୫ ବର୍ଷର ହାରାହାରି ରିପୋର୍ଟ ଦେଖିଲେ ବର୍ଷକୁ ୪୧୪ କ୍ୱିଣ୍ଟାଲ ଗଞ୍ଜେଇ ସିଜ୍ ହୋଇଛି। କିନ୍ତୁ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟରେ ୧୦୫୪କ୍ୱିଣ୍ଟାଲ ଗଞ୍ଜେଇ ସିଜ୍ ହୋଇଛି। କୋରାପୁଟରୁ ୪୧୩ କ୍ୱିଣ୍ଟାଲ, ମାଲକାନଗିରିରୁ ୨୪୦ କ୍ୱିଣ୍ଟାଲ ଓ ଗଜପତି ଜିଲ୍ଲାରୁ ୧୨୬ କ୍ୱିଣ୍ଟାଲ ଗଞ୍ଜେଇ ସିଜ୍ ହୋଇଛି। ଏପରି ସଫଳତା ପାଇଁ ୩ ଜିଲ୍ଲାର ଏସ୍‌ପିଙ୍କୁ ଡିଜିପିଙ୍କ ପକ୍ଷରୁ ପ୍ରଶଂସା ପତ୍ର ପଠାଯାଇଛି। ଏହାବ୍ୟତୀତ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ଗଞ୍ଜେଇ ପରି ନିଶା ଦ୍ରବ୍ୟ ଧରିବାରେ ବହୁ ମାତ୍ରାରେ ସାହାଯ୍ୟ କରୁଛି ଇସ୍ରୋ। କେଉଁଠି ଚାଷ ହେଉଛି ଇସ୍ରୋ ସାଟେଲାଇଟ୍ ସେ ସମ୍ପର୍କରେ ତଥ୍ୟ ଦେଉଛି। ତେବେ ଗଞ୍ଜେଇ ଅପେକ୍ଷା ଅଫିମ ଚାଷକୁ ଅପେକ୍ଷାକୃତ ଭଲ ଠାବ କରୁଛି ଇସ୍ରୋ। ଗଞ୍ଜେଇ ଚାଷ ସମ୍ପର୍କିତ ସଠିକ ତଥ୍ୟ କିଭଳି ଖୁବ୍‌ଶୀଘ୍ର ପହଞ୍ଚି ପାରିବ, ତା'ହେଲେ ଏପରି ନିଶା ଦ୍ରବ୍ୟ ଚାଲାଣ ହେବାକୁ ବହୁ ମାତ୍ରାରେ ରୋକାଯାଇ ପାରିବ, ସେଥିନିମନ୍ତେ ଉଦ୍ୟମ ଚାଲିଛି ବୋଲି ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଛନ୍ତି।

# ଅପରାଜିତାଙ୍କ ଅଫିସ୍‌ରୁ ସିଲ୍ ଖୋଲିଲା ବିଏମ୍‌ସି





**ଭୁବନେଶ୍ୱର :** ସିଲ୍ ହେବାର ୮ ଦିନ ପରେ ଖୋଲିଛି ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟ। କୋଭିଡ୍ ନିୟମାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ଗତ ୯ ତାରିଖ ଦିନ ବିଏମ୍‌ସି ଷଡ଼ଙ୍ଗୀଙ୍କ ପଳାଶପଲ୍ଲୀ ପ୍ଲଟ୍ ନଂ ଏ/୫୬ ଠାରେ ଥିବା କାର୍ଯ୍ୟାଳୟକୁ ୧୫ଦିନ ଲାଗି ସିଲ୍ କରିଥିଲା। ତେବେ ଶନିବାର ଦିନ ବିଏମ୍‌ସି ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାକୁ ଖୋଲିଛି। ଅପରପକ୍ଷରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଅଫିସକୁ ବିଏମ୍‌ସି ସିଲ୍ କରିବା ବେଆଇନ୍ ବୋଲି କହିଛନ୍ତି। ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ବିଏମସି ଏହି ପଦକ୍ଷେପ ନେଇଥିବାର ଅଭିଯୋଗ କରିଛନ୍ତି ସାଂସଦ। ବିଏମସିର କ୍ଷମତା ନଥାଇ ବି ଏଭଳି କର୍ତ୍ତୃତ୍ୱ ଜାହିର କରିଛି। ତାଙ୍କୁ କହିବାର ସୁଯୋଗ ଦିଆଯାଇନାହିଁ ବୋଲି ସେ ବିଏମ୍‌ସି କମିଶନରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଏନେଇ ଆଗାମୀ ଦିନରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରନ୍ତି। ତାଙ୍କ ଜନ୍ମଦିନ ଦିନ ଉପସ୍ଥିତ ତାଙ୍କର କୌଣସି ସମର୍ଥକ କିମ୍ବା ସେ ନିଜେ କୋଭିଡରେ ଆକ୍ରାନ୍ତ ହୋଇ ନାହାନ୍ତି। ଏଭଳି ସ୍ଥିତିରେ ପୂରା ଅଫିସକୁ ସିଲ୍ କରିବା ଉଚିତ୍ ନଥିଲା ବୋଲି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟଯେ କାର୍ଯ୍ୟାଳୟରେ ଅପରାଜିତାଙ୍କ ଜନ୍ମଦିନ ଉତ୍ସବ ପାଳନର ଭିଡିଓ ଆଧାରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

# ଖରିଫ୍ ଧାନ ସଂଗ୍ରହ ୬୯ ଲକ୍ଷ ଟନ୍‌କୁ ବୃଦ୍ଧି



**ନୂଆଦିଲ୍ଲୀ :** ଚଳିତ ଖରିଫ୍ ଋତୁରେ ସରକାର ଏପର୍ଯ୍ୟନ୍ତ ୬୯ ଲକ୍ଷ ଟନ୍ ଧାନ ସଂଗ୍ରହ କରିଛନ୍ତି। ୬ ଲକ୍ଷରୁ ଅଧିକ କୃଷକଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଏହି ଧାନ ସଂଗ୍ରହ କରାଯାଇଛି। କୃଷି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତୀୟ ଖାଦ୍ୟ ନିଗମ ଓ ଅନ୍ୟ ସରକାରୀ ସଂସ୍ଥାଗୁଡିକ ଦ୍ୱାରା ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ତାମିଲନାଡ୍ରୁ, ଉତ୍ତରାଖଣ୍ଡ, ଚଣ୍ଡିଗଡ଼, କେରଳ ଓ ଜାମ୍ମୁକଶ୍ମୀର ଭଳି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରୁ ଧାନ ସଂଗ୍ରହ କରାଯାଇଛି। ସରକାର ସର୍ବନିମ୍ନ ସହାୟକ ମୂଲ୍ୟରେ କୃଷକମାନଙ୍କ ଠାରୁ ଧାନ ସଂଗ୍ରହ କରିବା ଜାରି ରଖିଛନ୍ତି। ଏ ପର୍ଯ୍ୟନ୍ତ ଏ ବାବଦରେ ୧୩ ହଜାର ୧୨୮ କୋଟି ଟଙ୍କା ଦିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି। ରାଜ୍ୟଗୁଡିକରୁ ମିଳିଥିବା ପ୍ରସ୍ତାବ ଆଧାରରେ ୪୧ ଲକ୍ଷ ଟନ୍ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ସଂଗ୍ରହ ପାଇଁ ଅନୁମୋଦନ କରାଯାଇଛି। ଏହିସବୁ ଶସ୍ୟ ତାମିଲନାଡ୍ରୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା, ଗୁଜରାଟ, ହରିୟାଣା, ଉତ୍ତରପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରୁ ସଂଗ୍ରହ କରାଯିବ। ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡ୍ରୁ ଓ କେରଳରୁ ୧ ଲକ୍ଷ ୨୩ ହଜାର ଟନ୍ ଖୁଣ୍ଟିଳା ନଡିଆ ସଂଗ୍ରହ କରାଯିବାକୁ ମଧ୍ୟ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି।

## ବ୍ରହ୍ମେଶ୍ୱର ମନ୍ଦିର ପରିସରରୁ ମୂର୍ତ୍ତି ବସାଇବା ବେଳେ କାଢ଼ିନେଲା ପ୍ରତ୍ନତତ୍ତ୍ୱ ବିଭାଗ

# ଏଏସ୍‌ଆଇର କାର୍ଯ୍ୟାନୁଷ୍ଠାନକୁ ବିରୋଧ

**ଭୁବନେଶ୍ୱର :** ରାଜଧାନୀର ପ୍ରାଚୀନ ମନ୍ଦିର ମାନଙ୍କ ଭିତରେ ବ୍ରହ୍ମେଶ୍ୱରର ଅଷ୍ଟଶମ୍ଭୁ ମନ୍ଦିର ଅନ୍ୟତମ। ଏକାଦଶ ଶତାବ୍ଦୀରେ ସୌମ୍ୟବଂଶୀ ରାଜାଙ୍କ ଶାସନ ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥିବା ଜଣାଯାଏ। ବର୍ତ୍ତମାନ ମନ୍ଦିରର ରକ୍ଷଣାବେକ୍ଷଣ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଅଧିନରେ ରହିଥିଲା ବେଳେ ମନ୍ଦିର ପରିସରରେ ଖାଲି ପଡିଥିବା ଦୁଇଟି ଛୋଟ ମନ୍ଦିରରେ କୌଣସି ଦେବଦେବୀ ପୂଜା ପାଉନାହାନ୍ତି। ତେଣୁ ଖାଲି ପଡିଥିବା ଏହି ଦୁଇଟି ମନ୍ଦିରରେ କେହି ଶ୍ରଦ୍ଧାଳୁ କଳା ମୁଗୁନି ପଥରର ଗୋଟିଏ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଓ ଅନ୍ୟଟି ଶିବଲିଙ୍ଗ ସ୍ଥାପନ କରୁଥିଲେ। ରବିବାର ଛୁଟିଦିନ ହୋଇଥିଲା ବେଳେ ମନ୍ଦିରରେ ମୂର୍ତ୍ତି ସ୍ଥାପନ ହେଉଥିବା ଜାଣି ସ୍ଥାନୀୟ ଅଞ୍ଚଳର ପୂର୍ବତନ କର୍ପୋରେଟର ପୁଷ୍ପା ଦାସ ଘଟଣା ସ୍ଥଳକୁ ଯାଇ ଏହାକୁ ବିରୋଧ କରିବା ସହିତ ଏ ସମ୍ପର୍କରେ ବଡଗଡ଼ ଥାନା ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ଅଧିକ୍ଷକଙ୍କୁ ଫୋନ୍ କରି ଜଣାଇଥିଲେ। ଏଥିସହ ମୂର୍ତ୍ତି ସ୍ଥାପନା କାର୍ଯ୍ୟ କରୁଥିବା କାରିଗରଙ୍କୁ ଏ ବିଷୟରେ ପଚାରିବା ସହିତ ସନ୍ତୋଷଜନକ ଉତ୍ତର ନ ପାଇବାରୁ ପୂର୍ବତନ କର୍ପୋରେଟର ଶ୍ରୀମତୀ ଦାସ ମୂର୍ତ୍ତି ବସାଇବାକୁ ପ୍ରବଳ ବିରୋଧ କରିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା କିଛି ଶ୍ରଦ୍ଧାଳୁ ଖାଲି ପଡିଥିବା ମନ୍ଦିରରେ ନୂଆ ମୂର୍ତ୍ତି ପୂଜା ପାଇଲେ ଅସୁବିଧା କ'ଣ ବୋଲି ତାଙ୍କୁ ପଚାରିବା ସହ ସବୁ କଥାରେ ରାଜନୀତି ନ କରିବାକୁ ମଧ୍ୟ କହିଥିଲେ। ଅଭିଯୋଗ ପାଇବା ପରେ ପ୍ରତ୍ନତତ୍ତ୍ୱ ବିଭାଗର କର୍ମଚାରୀମାନେ ଆସି ମୂର୍ତ୍ତି ଦୁଇଟିକୁ ଉଠାଇ ନେବା ସହିତ ଏହାର ଅନୁସନ୍ଧାନ କରିବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ବର୍ଷେ ତଳେ ଶ୍ରୀ ଲିଙ୍ଗରାଜ ମନ୍ଦିରରୁ ଖସି ପଡିଥିବା ବୃଷଭ ମୂର୍ତ୍ତିକୁ ପୁନଃ ପ୍ରତିଷ୍ଠା କରିପାରି ନଥିଲା ବେଳେ ପ୍ରାଚୀନ ମନ୍ଦିର ପରିସରରେ ଖାଲି ପଡିଥିବା ସ୍ଥାନରେ ନୂତନ ମୂର୍ତ୍ତି ବସାଇବାକୁ ବିରୋଧ କରିବାର କାରଣ କ'ଣ? ଏଏସ୍‌ଆଇ କାଢ଼ି ନେଇଥିବା ମୂର୍ତ୍ତି ସମ୍ପର୍କରେ ମନ୍ଦିରର ଟ୍ରଷ୍ଟି ତଥା ପୂର୍ବତନ କର୍ପୋରେଟର ମଳୟ ମହାପାତ୍ର କହିଛନ୍ତି ଯେ, ଖାଲି ପଡିଥିବା ଛୋଟ ମନ୍ଦିରରେ ମୂର୍ତ୍ତି ପୂଜା ପାଇବା ଭଲ କଥା। ଆଧ୍ୟାତ୍ମିକତା ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଥିଲା ବେଳେ ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ତାହା କେତେଦୂର ଯଥାର୍ଥ ସେମାନେ ଜାଣନ୍ତି। ଯେଉଁ ଶ୍ରଦ୍ଧାଳୁ ମୂର୍ତ୍ତି ଦୁଇଟି ପ୍ରତିଷ୍ଠା କରୁଥିଲେ ତାଙ୍କ କାର୍ଯ୍ୟ ନିଶ୍ଚୟ ପ୍ରଶଂସନୀୟ। ଉକ୍ତ ଘଟଣାରେ ସ୍ଥାନୀୟ ଲୋକଙ୍କ ଭିତରେ ଘୋର ଅସନ୍ତୋଷ ଦେଖାଦେବା ସହ ଏଏସ୍‌ଆଇର କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ବିରୋଧ କରୁଛନ୍ତି।

# ଭାରତରେ ହେବ ସ୍ପୁଟନିକ୍-ଭି'ର କ୍ଲିନିକାଲ ଟେଷ୍ଟ



**ନୂଆଦିଲ୍ଲୀ :** ଋଷ ବାହାର କରିଥିବା ବିଶ୍ୱର ପ୍ରଥମ କରୋନା ଟିକା ସ୍ପୁଟନିକ-ଭି'ର କ୍ଲିନିକାଲ ଟ୍ରାଏଲ ଭାରତରେ ଆରମ୍ଭ ହେବ। ଋଷିଆନ ଡାଇରେକ୍ଟ ଇନଭେଷ୍ଟମେଣ୍ଟ ଫଣ୍ଡ (ଆରଡିଆଇଏଫ୍) ପକ୍ଷରୁ ଏହି ଟିକା ପ୍ରସ୍ତୁତ କରାଯାଇଛି। ଏହାକୁ ଋଷ ସରକାର ଅଗଷ୍ଟ ୧୧ରେ ମଞ୍ଜୁରୀ ଦେବା ସହ ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ଲୋକଙ୍କ ଉପରେ ପ୍ରୟୋଗ କରାଯାଇଛି। ହେଲେ ଏହି ଟିକାର କ୍ଲିନିକାଲ ଟ୍ରାଏଲ ବେଳର ତଥ୍ୟ ମିଳି ନଥିବାରୁ ଏହାର ସାର୍ବଜନୀନ ବ୍ୟବହାର ପାଇଁ କୌଣସି ଦେଶ ଆଗ୍ରହ ଦେଖାଉନାହାନ୍ତି। ଏସବୁ ଭିତରେ ଭାରତରେ ଅବସ୍ଥାପିତ ଡା.ରେଡ୍ଡୀ ଲ୍ୟାବ ଲିଃ ସ୍ପୁଟନିକ-ଭି'ର ଟ୍ରାଏଲ ଭାରତରେ ଆରମ୍ଭ କରିବାକୁ ଅନୁମତି ପାଇଛି। ଆରଡିଆଇଏଫ୍ ସହ ଡା ରେଡ୍ଡୀ ଚୁକ୍ତି କରି ଭାରତକୁ ଏହି ଟିକା ଆଣିଛି। ସାର୍ବଜନୀନ ବ୍ୟବହାର କରିବା ପୂର୍ବରୁ ଡା ରେଡ୍ଡୀ ପକ୍ଷରୁ ଡିସିଜିଆଇକୁ ଭାରତରେ ଏହାର କ୍ଲିନିକାଲ ଟ୍ରାଏଲ ପାଇଁ ଅନୁମତି ଲୋଡା ଯାଇଥିଲା। ଏବେ ଡିସିଜିଆଇ ସ୍ପୁଟନିକ୍-ଭି' ଟିକାକୁ ଭାରତରେ ପରୀକ୍ଷା କରିବାକୁ ଅନୁମତି ଦେଇଥିବା ଆରଡିଆଇଏଫ୍ ଓ ଡା ରେଡ୍ଡୀ ପକ୍ଷରୁ ଘୋଷଣା କରାଯାଇଛି। ଅନୁମତି ମିଳିଥିବାରୁ ଭାରତରେ ସ୍ପୁଟନିକ-ଭି'ର ଫେଜ୍-୨ ଓ ଫେଜ୍-୩ ଟ୍ରାଏଲ କରାଯିବ। ୨୦୨୦ ସେପ୍ଟେମ୍ବର ମାସରେ ଡା. ରେଡ୍ଡୀ ଓ ଆରଡିଆଇଏଫ୍ ସ୍ପୁଟନିକ-ଭି'ର କ୍ଲିନିକାଲ ଟ୍ରାଏଲ ଏବଂ ଭାରତରେ ଏହାର ବିତରଣ କରିବାକୁ ଚୁକ୍ତି କରିଥିଲେ। ଟିକା ପରୀକ୍ଷଣ ସଫଳ ହେଲେ ଆରଡିଆଇଏଫ୍ ପକ୍ଷରୁ ଡା. ରେଡ୍ଡୀକୁ ୧୦୦ ମିଲିୟନ ଡୋଜ ଯୋଗାଇ ଦିଆଯିବ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି